ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.291 Bhubaneswar Tuesday, January 11, 2022 | ୨୪ତମ ବର୍ଷ ସଂଖ୍ୟା-୨୯୧ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଅଞ୍ଜଳି ଖୋଲିଲେ ପୋଲ୍; କେଉଁ ରୋଗ ପାଇଁ ବିଜୁ ସ୍ମାର୍ଟ ହେଲ୍‌ଥ କାର୍ଡ



ତେଲକୋଇ,୧୦।୧(ପି.ଏନ): ଚିକିତ୍ସା ପାଇଁ ଗରିବ ଓ ଅସହାୟମାନେ କେମିତି ସର୍ବସ୍ୱାନ୍ତ ହୋଇଯାଉଛନ୍ତି ? ବିକ୍ରି କରିଦେଉଛନ୍ତି ନିଜର ଜମି ବାଡି। ବିଜୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ବେଳେ ଏପରି କେତେ କଣ ଆବେଗଭରା ସଂଳାପ କହିଛନ୍ତି ରାଇଜ ମୁଖିଆ ଓ ତାଙ୍କ ନେତାମାନେ। ଏଥିପାଇଁ ସେମାନେ ବହୁ ବାର ପ୍ରଶଂସାର ପାତ୍ର ମଧ ହୋଇଛନ୍ତି। ହେଲେ ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ଦେଉଳଡିହା ଗାଁର ଅଞ୍ଜଳି ପାତ୍ର କିନ୍ତୁ ଖୋଲିଦେଇଛନ୍ତି ବିଜୁ ସ୍ମାର୍ଟ ହେଲ୍‌ଥ କାର୍ଡର ଅସଲ ଗୁମର। ଅସୁସ୍ଥ ହୋଇଥିବା ସ୍ୱାମୀଙ୍କୁ ଚିକିତ୍ସା ପାଇଁ ସେ ନେଇଯାଇଥିଲେ କଟକ ବଡମେଡିକାଲ୍। ବଡ଼ ରୋଗ କିମ୍ବା ଅପରେସନ ପାଇଁ ଏ କାର୍ଡ(ବିଜୁ ସ୍ମାର୍ଟ ହେଲ୍‌ଥ କାର୍ଡ) ଚଳୁଥିବା କହି ଡାକ୍ତର ତାଙ୍କୁ ଫେରାଇ ଦେଇଥିବା ଅଞ୍ଜଳି କହିଛନ୍ତି। ଦେଉଳଡିହା ଗାଁର ଅଞ୍ଜଳି ପାତ୍ର। ତାଙ୍କ ସ୍ୱାମୀ କିଶୋର ପାତ୍ର ଜଣେ ଟ୍ରକ୍ ଡ୍ରାଇଭର। ଗାଡି ଚଳାଇ ଯାହା ଉପାର୍ଜନ କରୁଥିଲେ, ସେଥିରେ ଚଳୁଥିଲା ପୂରା ପରିବାର। ଅଞ୍ଜଳିଙ୍କ ପରିବାର କହିଲେ ସ୍ୱାମୀ କିଶୋର ଚନ୍ଦ୍ର ପାତ୍ର ଓ ଦୁଇ ଛୁଆ। ସ୍ୱାମୀଙ୍କ ରୋଜଗାରରେ ବେଶ୍ ଖୁସିରେ ଚାଲୁଥିଲା ଅଞ୍ଜଳିଙ୍କ ପରିବାର। ସବୁକିଛି ଠିକ୍ ?ଠାକ ଚାଲିଥିବା ବେଳେ ହଠାତ ଅଞ୍ଜଳିଙ୍କ ପରିବାର ଉପରେ ଛିଡି ପଡିଲା ଆକାଶ ।ଦୁଇ ବର୍ଷ ତଳେ କିଶୋର ଅସୁସ୍ଥ ହୋଇପଡିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ଯାଇଥିଲେ। ଡକ୍ଟରଙ୍କ ପରାମର୍ଶରେ କିଶୋର ଔଷଧ ଖାଇଲେ। ହେଲେ ତାଙ୍କ ଦେହ ଭଲ ହେଲାନାହିଁ। ଚାଲି ପାରିଲେ ନାହିଁ। ସବୁବେଳେ ଶୋଇ ରହିଲେ। ଘରେ ଯାହା ସବୁ ଜିନିଷ ଥିଲା, ତାକୁ ବିକ୍ରି କରି ସ୍ୱାମୀଙ୍କ ଚିକିତ୍ସା କରିଥିଲେ ଅଞ୍ଜଳି। ହେଲେ କିଶୋରଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେଲାନାହିଁ। ଏବେ ସ୍ୱାମୀ କିଶୋର ଶୋଇଥିବା ଖଟିଆ ଛଡା ଆଉ କିଛି ଘରେ ନାହିଁ ।ସ୍ୱାମୀଙ୍କ ଚିକିତ୍ସା ପାଇଁ ଅଞ୍ଜଳି ବିଜୁ ସ୍ୱାସ୍ଥ୍ୟ କାର୍ଡର ସହାୟତା ନେଲେ। କିନ୍ତୁ ସେଥିରେ ମଧ ସେ ନିରାଶ ହେଲେ। ବଡ଼ ରୋଗ କିମ୍ବା ଅପରେସନ ପାଇଁ ଏ କାର୍ଡ ଚଳୁଥିବା କହି କଟକରୁ ତାଙ୍କୁ ଫେରାଇ ଦିଆଯାଇଥିବା ଅଞ୍ଜଳି ଅଭିଯୋଗ କରିଛନ୍ତି। ଏବେ ଅସହାୟ ଅବସ୍ଥାରେ ଅଞ୍ଜଳି ଜରିପାଲ ଘୋଡାଯାଇଥିବା ନୂଆଁଣିଆ ଘରେ ଦୁଇ ଛୁଆଙ୍କୁ ଧରି କାଳାତିପାତ କରୁଛନ୍ତି। ଆଉ ତାଙ୍କ ପ୍ରାଣର ଦେବତା କିଶୋର ବାରଣ୍ଡାରେ ଖଟିଆରେ ଶୋଇଛନ୍ତି। ସେମାନଙ୍କୁ ନା ମିଳିଛି ସରକାରୀ ଯୋଜନାରେ ଘର ନା ଖାଦ୍ୟ ସୁରକ୍ଷାରେ ଚାଉଳ। କେବଳ ମିଳୁଛି ମାସକୁ ୧୦ କିଲୋ ଚାଉଳ। ସେଥିରେ ଦିନେ ଖାଇଲେ ଦିନେ ଉପବାସ ରହୁଛନ୍ତି। ଏପରି ସ୍ଥଳେ କିପରି ପରିବାରଙ୍କୁ ପୋଷିବେ ଓ କିପରି ସ୍ୱାମୀଙ୍କୁ ଚିକିତ୍ସା କରାଇବେ ଅଞ୍ଜଳି ସେହି ଚିନ୍ତାରେ ଦିନ କାଟୁଛନ୍ତି।

## ୧୨ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୧୦।୧(ପି.ଏନ): ସୋମବାର ଦିନ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୨ ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିଛି। କ୍ୟାବିନେଟ୍ ନିଷ୍ପତି ଅନୁଯାୟୀ ରାଜ୍ୟ ସରକାର ସରକାରୀ ଚାକିରୀ ପାଇଁ ବୟସ ସୀମା ବୃଦ୍ଧି କରିଛନ୍ତି। ଚାକିରୀ ପାଇଁ ବୟସ ସମୟ ସୀମା ୩୨ ରୁ ୩୮ କୁ ବୃଦ୍ଧି କରାଯାଇଛି। କ୍ୟାବିନେଟ୍ ରେ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ, ଉଚ୍ଚଶିକ୍ଷା; ପଂଚାୟତି ରାଜ ଏବଂ ପାନୀୟ ଜଳ, ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପ୍ରମୁଖ ବିଭାଗ ଗୁଡିକର ବିଭିନ୍ନ ପ୍ରସ୍ତାବକୁ ମଂଜୁରୀ ମିଳିଛି ।କ୍ୟାବିନେଟ୍ ନିଷ୍ପତି ବିଷୟରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି ଯେ ରାଜ୍ୟ ସରକାରୀ ଚାକିରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସ ସୀମାକୁ ୩୨ ରୁ ୩୮ ପର୍ଯ୍ୟନ୍ତ ତିନି ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୨୦୨୨ ମସିହାରେ ଓଡିଶା ବେସରକାରୀ କଲେଜ, ଜୁନିଅର କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗ୍ରାଂଟ ଇନ୍-ଏଡ୍ କୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ମୟୂରଭଞ୍ଜ ଜିଲ୍ଲାର ସାମାଖୁଂଟା, କପ୍ତିପଦା ଏବଂ ବାରିପଦା ବ୍ଲକ ପାଇଁ ମେଗା ପାଇପ୍ ଜଳ ଯୋଗାଣ ଯୋଜନାର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। କଟକ ଜିଲ୍ଲାର ବାଙ୍କି,ଡମପଡା ବାରଙ୍ଗ; ସମ୍ବଲପୁର ଜିଲ୍ଲାର ଜୁଜୁମରା, ମାନେଶ୍ୱର ,ନାକଟିଦେଉଳ , ରେଢାଖୋଲ ବ୍ଲକଗୁଡିକ; ଏବଂ ମୟୂରଭଞ୍ଜ ଜିଲ୍ଲାର ସାସକଣା।, କୁଳିଅଣା ଏବଂ ବାଙ୍ଗିରିପୋସି ବ୍ଲକ୍ ରେ ମେଗା ପାଇପ୍ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ ହେବ। ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଛନ୍ତି ଯେ ଏହି ପାଇପ୍ ଜଳ ଯୋଗାଣ ଯୋଜନାର ନିର୍ମାଣ କାର୍ଯ୍ୟ ଚୁକ୍ତିନାମା ଠାରୁ ୨ ବର୍ଷ ମଧ୍ୟରେ ଶେଷ ହେବ।

## ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କରୋନା ପଜିଟିଭ୍



ପାଟନା: ବିହାରରେ କରୋନାର କହର ଦ୍ରୁତ ଗତିରେ ମାଡି ଚାଲିଛି। ଏବେ ରାଜ୍ୟର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବିହାର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଅଫିସିଆଲ୍ ଟ୍ୱିଟର୍ ହ୍ୟାଣ୍ଡଲରେ ଏହି ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଏକ ବିବୃତ୍ତିରେ କହିଛି ଯେ, ଡାକ୍ତରଙ୍କ ପରାମର୍ଶ କ୍ରମେ କରୋନାରେ ଆକ୍ରାନ୍ତ ହେବା ପରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜକୁ ଆଇସୋଲେସନରେ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ମଧ ରାଜ୍ୟର ଲୋକଙ୍କୁ କୋଭିଡ୍ ଅନୁକୂଳ ସତର୍କତା ଅବଲମ୍ବନ କରିବାକୁ ନିବେଦନ କରିଛନ୍ତି। ସୂଚନା ମୁତାବକ, ସୋମବାର ସକାଳେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଯେତେବେଳେ ନିଜର ଆଣ୍ଟିଜେନ୍ ଟେଷ୍ଟ କରାଇଥିଲେ, ତାଙ୍କର ରିପୋର୍ଟ ନେଗେଟିଭ୍ ଆସିଥିଲା। ହେଲେ ତାଙ୍କ ଭିତରେ କୌଣସି ଲକ୍ଷଣ ନଥିଲା। ପରେ ସେ ନିଜର ଆରଟିପିସିଆର୍ ଟେଷ୍ଟ କରାଇଥିଲେ ଏବଂ ଏଥିରେ ତାଙ୍କର ରିପୋର୍ଟ ପଜିଟିଭ୍ ଆସିଛି ।ଦେଶରେ କରୋନା ସଂକ୍ରମଣ ବ?ୁଥିବା ବେଳେ ବିହାରରେ ମଧ ଦିନକୁ ଦିନ ଏହି ସଂଖ୍ୟା ଲଗାତର ବୃଦ୍ଧି ପାଉଛି। ରାଜ୍ୟରେ ଯେମିତି କରୋନା ଟେଷ୍ଟିଂ ବଢୁଛି, ସେହି ଅନୁପାନରେ ସଂକ୍ରମିତଙ୍କ ସଂଖ୍ୟା ମଧ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ବିହାରର ସ୍ୱାସ୍ଥ୍ୟ ବିଭାଗ ମୁତାବତ, ରବିବାର ରାଜ୍ୟରେ ୧ ଲକ୍ଷ ୯୬ହଜାର ୯୦୯ ସାମ୍ପଲ ଟେଷ୍ଟ କରାଯାଇଥିଲା, ଯେଉଁଥିରୁ ୫୦୨୨ ଲୋକ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।ସୂଚନାଯୋଗ୍ୟ, ସୋମବାର ଦେଶର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ କରୋନାରେ ଆକ୍ରାନ୍ତ ହୋଇଥିଲେ। ତାଙ୍କ ଭିତରେ କରୋନାରେ ସାମାନ୍ୟ ଲକ୍ଷଣ ରହିଛି। ଯେଉଁ କାରଣରୁ ସେ ନିଜକୁ ଆଇସୋଲେଟ୍ କରିବା ସହ ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କୁ ଟେଷ୍ଟ କରାଇ ନେବାକୁ ରାଜନାଥ ଟ୍ୱିଟ୍ କରି ସୂଚନା ଦେଇଛନ୍ତି।

## ବୁଷ୍ଟର ଡୋଜ୍ ଟିକା ନେଲେ ବାଚସ୍ପତି

ଭୁବନେଶ୍ୱର, ୧୦।୧(ପି.ଏନ): ଓଡ଼ିଶା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ସୋମବାର ଦିନ ବିଧାନସଭା ଡିସ୍‌ପେନ୍‌ସାରୀ ପରିସରରେ ୬୦ ବର୍ଷରୁ ଉର୍ଦ୍ଧ୍ୱତଥା ବହୁମୁଖୀ ରୋଗରେ ପୀଡ଼ିତ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ବୁଷ୍ଟର ଡୋଜ୍ ଟିକାକରଣ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ପ୍ରଥମ ବୁଷ୍ଟର ଡୋଜ୍ ଟିକା ନେଇ ସେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ସରକାରଙ୍କ ଏହି କାର୍ଯ୍ୟକ୍ରମ କୋଭିଡ୍ ତଥା ଓମିକ୍ରନ୍ ରୋକିବାରେ ସଫଳ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି ଏବଂ ସମସ୍ତ ହିତାଧିକାରୀ ଏହାର ସୁଯୋଗ ନେବାକୁ ଅନୁରୋଧ କରିଛନ୍ତି ।

## ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଟପିଲା

ଭୁବନେଶ୍ୱର, ୧୦।୧(ପି.ଏନ): ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ପାର୍ କରିଛି। ସୋମବାର ଦିନ ଆଉ ୨୮ ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୧୦୩ରେ ପହଂଚିଛି। ଏନେଇ ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଛି ।ସୂଚନାଯୋଗ୍ୟ ଯେ ଡିସେମ୍ବର ୨୧ରେ ୨ଜଣ, ୨୩ରେ ୨, ୨୬ରେ ୪, ୨୯ରେ ଜଣେ, ୩୦ରେ ୫, ଜାନୁଆରି ୨ରେ ୨୩, ଜାନୁଆରୀ ୫ରେ ୨୪, ଜାନୁଆରୀ ୮ରେ ୧୪ଜଣ ଓ ଜାନୁଆରୀ ୧୦ରେ ୨୫ ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତେବେ ଏଥିରୁ ୫ଜଣ ସୁସ୍ଥ ହୋଇସାରିଲେଣି ବୋଲି ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ସୂତ୍ରରୁ ଜାଣିବାକୁ ମିଳିଛି।

## ଗୋଟିଏ ଦିନରେ ୪୮୨୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୦।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୮୨୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୭୫୬୯୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୪୪୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୬ ହଜାର ୬୧୭ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦୫୬୦ ରହିଛି ।ଆଜି ଚିହ୍ନଟ ହୋଇଥିବା ୪୮୨୯ ଜଣଙ୍କ ମଧ୍ୟରୁ ୨୮୨୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୦୦୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୯୩୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୬୯, ବାଲେଶ୍ୱର ଜିଲ୍ଲାରୁ ୨୧୦ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୮୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧୦୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୬, କଟକରୁ ୪୦୧ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୨୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୩୨, ଗଂଜାମ ଜିଲ୍ଲାରେ ୪୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪୬, ଯାଜପୁରରୁ ୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୮୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୪୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୮ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୨୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।କେନ୍ଦୁଝରରୁ ୬୩ , ଖୋର୍ଦ୍ଧାରୁ ୯୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୭୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୬୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୮୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୫୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧୩୦ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୮୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୬୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୩୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୮୬୯, ଷ୍ଟେଟ୍ ପୁଲରୁ ୨୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ରାଜ୍ୟରେ ପ୍ରିକସନ ଡୋଜର ଟୀକାକରଣ ଆରମ୍ଭ : ୧୭ ଲକ୍ଷରୁ ଅଧିକ ଲୋକ ନେବେ ପ୍ରିକସନ ଡୋଜ

ଭୁବନେଶ୍ୱର ,୧୦।୧(ପି.ଏନ): ସମଗ୍ର ରାଜ୍ୟରେ ସୋମବାର ଠାରୁ ପ୍ରିକସନ ଡୋଜ ଟୀକା କରଣ ଆରମ୍ଭ ହୋଇଛି । ବରିଷ୍ଠ ନାଗରିକ, ସମ୍ମୁଖ ଯୋଦ୍ଧା ଓ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ଦିଆଯାଉଛି ଏହି ପ୍ରିକସନ ଟୀକା । ରାଜ୍ୟ ମୋଟ ୧୭ ଲକ୍ଷ ୫୨ ହଜାର ୮୩୮ ଲୋକେ ପ୍ରିକସନ ଟିକା ନେବେ ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶ ବିଜୟ ପାଣିଗ୍ରାହୀ ।ସେ କହିଛନ୍ତି ଯେ, ଯେଉଁମାନଙ୍କର ସେକେଣ୍ଡ ଡୋଜରୁ ୯ ମାସ ବା ୩୯ ସପ୍ତାହ ହୋଇଥିବ, ସେମାନେ ପ୍ରିକସନ ଡୋଜ ପାଇଁ ଯୋଗ୍ୟ ହେବେ । ଜାନୁଆରୀ ଶେଷ ସୁଦ୍ଧା ୫ ଲକ୍ଷ ୨୫ ହଜାର ୬୦୭ ଲୋକ ପ୍ରିକସନ ଡୋଜ ପାଇଁ ଯୋଗ୍ୟ ହେବେ ବୋଲି ସେ କହିଛନ୍ତି ।ସେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟର ୩୬୧୬ ସେସନ ସାଇଟରେ ଟିକା କରଣ ଚାଲିଛି । ସେଥି ମଧ୍ୟରୁ ୧୩୪୦ ସ୍ୱତନ୍ତ୍ର ଭ୍ୟାକ୍‌ସିନେସନ୍ କେନ୍ଦ୍ରରେ ୧୫ ରୁ ୧୮ ବର୍ଷର କିଶୋରଙ୍କୁ ଟୀକାକରଣ ଚାଲିଛି ।ସେ କହିଛନ୍ତି ଯେ ପ୍ରିକସନ ଡୋଜ ନେବା ପାଇଁ ନୂଆ ପଞ୍ଜିକରଣ କରିବାର ଆବଶ୍ୟକତା ନାହିଁ । କେବଳ ସ୍ଲଟ ବୁକିଂ କରିବାର ଆବଶ୍ୟକ ରହିଛି । ସ୍ଲଟ ବୁକିଂ ପାଇଁ ଉଭୟ ଅନଲାଇନ ଓ ଅଫ ଲାଇନ ବ୍ୟବସ୍ଥା ରହିଛି । ଯିଏ ଯେଉଁ ଟିକା ନେଇଥିଲେ , ସେମାନେ ସେହି ଟିକା ନେବେ । ସବୁ ସେସନ ସାଇଟରେ ୨୦ ପ୍ରତିଶତ କ୍ଷମତା ବୃଦ୍ଧି କରାଯାଇଛି ।

## ୫ ଶହ ଟଙ୍କା ଡଣ୍ଡ ଗଣିବେ ଅମାନିଆ ରାଜଧାନୀବାସୀ

ଭୁବନେଶ୍ୱର,୧୦।୧(ପି.ଏନ): ଏଣିକି ରାଜଧାନୀବାସୀ କୋଭିଡ ନିୟମ ଭାଙ୍ଗିଲେ ୫ ଶହ ଟଙ୍କା ଡଣ୍ଡ ଗଣିବେ । ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ସବୁଠୁ ଅଧିକ ଚିହ୍ନଟ ହେଉଛନ୍ତି ରାଜଧାନୀ ଭୁବନେଶ୍ୱରରୁ । ତେଣୁ ଅମାନିଆ ରାଜଧାନୀବାସୀଙ୍କ ସାବାଡ଼ କରିବାକୁ ଏଣିକି ଜରିମାନା ଗଣିବାକୁ ପଡ଼ିବ ବୋଲି ଟ୍ୱିଟ କରି ସୂଚନା ଦେଇଛି ବିଏମ୍‌ସି ।ବିଏମ୍‌ସି ପକ୍ଷରୁ କୁହାଯାଇଛି, କୋଭିଡ୍‌ର ନୂତନ ଭାରିଏଂଟ ଓମିକ୍ରନ ସଂକ୍ରମଣ ବଢିବାରେ ଲାଗିଛି। ଏଥିପାଇଁ ଆମକୁ ଅଧିକ ସତର୍କ ରହିବାକୁ ପଡିବ। ଘରୁ ବାହାରିଲେ ସଠିକ ଭାବେ ମାସ୍କ ପିନ୍ଧିବା ସୁନିଶ୍ଚିତ କରିବା, ସର୍ବସାଧାରଣ ସ୍ଥାନରେ ୨ ମିଟର ଦୂରତା ବଜାୟ ରଖିବା, ଭିଡ଼ରୁ ନିବୃତ ରହିବା ତଥା ସମସ୍ତ ଯୋଗ୍ୟ ବ୍ୟକ୍ତି କରୋନା ଟିକାର ୨ଟି ମାତ୍ରା ନିଶ୍ଚିତ ଭାବେ ନେବାକୁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି।

## ରାଜ୍ୟପାଳଙ୍କୁ ଭେଟିଲେ ରାଜ୍ୟ ନିର୍ବାଚନ କମିଶନର

ଭୁବନେଶ୍ୱର ,୧୦।୧(ପି.ଏନ): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟିଲେରାଜ୍ୟ ନିର୍ବାଚନ କମିଶନର । ରାଜ୍ୟ ନିର୍ବାଚନ ଆୟୋଗ ଆଦିତ୍ୟ ପ୍ରସାଦ ପାଢୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି କରୋନା ସ୍ଥିତି ଓ ପଂଚାୟତ ନିର୍ବାଚନ ପରିଚାଳନା ନେଇ ଅବଗତ କରିଛନ୍ତି। ଏହି ସାକ୍ଷାତରୁ ଆସନ୍ତାକାଲି ପଂଚାୟତ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇପାରେ ବୋଲି ଅନୁମାନ କରାଯାଉଛି। ଅପରପକ୍ଷରେ ପଂଚାୟତ ଭୋଟ ନେଇ ପୋଲିସ ଡିଜି, ଆଇଜି ଓ ଡିଆଇଜିଙ୍କ ସହ ନିର୍ବାଚନ ଆୟୋଗ ଆଲୋଚନା କରିଛନ୍ତି । ଭିସିରେ ଅନୁଷ୍ଠିତ ଏହି ବୈଠକରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ଓ କୋଭିଡ ଗାଇଡ଼ଲାଇନ କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱାରୋପ ଦିଆଯାଇଛି ।

## ୨ଟି ପ୍ରକଳ୍ପର ଉଦଘାଟନ , ୧୧ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୧(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦିନ ୨ଟି ଶିଳ୍ପ ପ୍ରକଳ୍ପର ଉଦଘାଟନ କରିଥିବାବେଳେ ୧୧ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏସବୁ ପ୍ରକଳ୍ପରେ ମୋଟ ୨୩୫୯ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଥିବାବେଳେ ୩୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ପ୍ରକଳ୍ପ ଗୁଡିକ ମଧ୍ୟରେ ଗୋଟିଏ ଲଜିଷ୍ଟିକ୍ ପାର୍କ ରହିଥିବା ବେଳେ ୩ ଟି ଇଥାନଲ ପ୍ଲାଂଟ, ଗୋଟିଏ ଷ୍ଟିଲ୍ ସଂପ୍ରସାରଣ, ସିମେଂଟ ୟୁନିଟ୍ ଓ ଗୋଟିଏ ୫ ଷ୍ଟାର ରିସୋର୍ଟ ରହିଛି। ଉଦଘାଟିତ ହୋଇଥିବା ୨ଟି ଶିଳ୍ପ ପ୍ରକଳ୍ପ ହେଲା ଯାଜପୁର କଳିଙ୍ଗନଗରସ୍ଥିତ ୧.୫ ନିୟୁତ ଟନ କ୍ଷମତା ବିଶିଷ୍ଟ ସିମେଂଟ ଗ୍ରିଣ୍ଡିଂ ୟୁନିଟ ଓ ବଲାଙ୍ଗୀରଠାରେ ସ୍ୱସ୍ତି ଇକୋୱେୟାରପକ୍ଷରୁ ନିର୍ମିତ ବାୟୋଡିଗ୍ରେଡେବଲ ଟେବୁଲୱେୟାର କାରଖାନା ।ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ୧୧ଟି ପ୍ରକଳ୍ପ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଗୁଡ଼ିକରେ ମୋଟ ୧୯୫୦ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ । ଏହି ପ୍ରକଳ୍ପଗୁଡିକରେ ନିବେଶ କରୁଥିବା କେତେକ ଅଗ୍ରଣୀ କମ୍ପାନୀ ମଧ୍ୟରେ ଟାଟା ଷ୍ଟିଲ୍, ସ୍ୱସ୍ତି ପ୍ରିମିୟମ୍, ଗ୍ରିଂଟେକ୍ ବାୟୋଏନର୍ଜି ଏବଂ କୋଷ୍ଟାଲ୍ ବାୟୋଟେକ୍ ଅନ୍ତର୍ଭୁକ୍ତ । ଅନ୍ୟପକ୍ଷରେ ଯୋଡ଼ାଠାରେ ଥିବା ଟାଟା ଷ୍ଟିଲର ଲୁହାପଥର ବେନିଫିସିଏସନ ପ୍ଲାଂଟର କ୍ଷମତାକୁ ୧୨ ନିୟୁତ ଟନରୁ ୧୭.୬ ନିୟୁତ ଟନକୁ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି । ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ପ୍ରକଳ୍ପରେ ଟାଟା ୯୪୬ କୋଟି ନିବେଶ କରିବ ଓ ଏଥିରେ ୮୦୩ ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

## ୧୪ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୦।୧(ପି.ଏନ): ଉତର ହରିୟାଣାରୁ ଦକ୍ଷିଣ ପୂର୍ବ ମଧ ପ୍ରଦେଶ ଦେଇ ଏକ ନିମ୍ନ ଚାପ ରେଖା ରହିଛି । ଏହା ପ୍ରଭାବରେ ୧୧ ରୁ ୧୪ ତାରିଖ ମଧ୍ୟରେ ରାଜ୍ୟରେ କିଛି ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ କୁଆପଥର ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷାର ( ପ୍ରବଳ ବର୍ଷା: ୬ ରୁ ୧୧ ସେମି ମଧ୍ୟରେ) ସମ୍ଭାବନା ରହିଥିବା ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୦ ଜିଲ୍ଲାରେ କାଳବୈଶାଖୀ ସହିତ ବଜ୍ରପାତ ଆଶଙ୍କା ରହିଛି। ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଏବଂ ମୟୁରଭଞ୍ଜ ଜିଲ୍ଲା ପାଇଁ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର । ସେହିପରି ୧୨ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ଓ ବଜ୍ରପାତ ସମ୍ଭାବନା ରହିଛି। ଏହାସହ ବରଗଡ଼, ସମ୍ବଲପୁର, ଦେବଗଡ଼ ଏବଂ ସୁବର୍ଣ୍ଣପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ମଧ ହୋଇପାରେ । ଏସବୁ ଜିଲ୍ଲାରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅଦିନିଆ ବର୍ଷା ପ୍ରଭାବରେ ଫସଲ ଏବଂ ପନିପରିବା ନଷ୍ଟ ହେବାର ସମ୍ଭାବନା ରହିଛି । ଅମଳ ଫସଲକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ଲାଗି ଏସ୍‌ଆରସି ଆଡଭାଇଜରି ଜାରି କରିଛନ୍ତି । ଡାଲି ଏବଂ ତୈଳବୀଜ ଫସଲରେ ସାମାନ୍ୟ ବିଳମ୍ବ କରିବା ସହ ପନିପରିବା ତୋଳି ନେଇ ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଛି। ୟେଲୋ ଆଲର୍ଟ ଜାରି କରାଯାଇଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପଟେ ଅମଳ ଫସଲ ଖଳା ଏବଂ ମଣ୍ଡିରେ ଖୋଲା ଆକାଶ ତଳେ ପଡିଛି । ମଣ୍ଡିରେ ଧାନ ବିକ୍ରି ହୋଇପାରିନି ଏଣେ ଧାନ ସୁରକ୍ଷିତ ରଖିବାକୁ ଜାଗା ମଧ ନାହିଁ । ତେଣୁ ଚାଷୀମାନେ ଫସଲକୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ପରାମର୍ଶ ଦିଆଯାଇଛି ।

## ମତ୍ସ୍ୟଜୀବୀଙ୍କ ଦ୍ୱାରା ଉଦ୍ଧାର ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ହସ୍ତାନ୍ତରିତ କଲା କୋଷ୍ଟଗାର୍ଡ



ପାରାଦୀପ,୧୦।୧(ପି.ଏନ): ଡିସେମ୍ବର ମାସ ୨୬ତାରିଖ ଦିନ ଆନ୍ତର୍ଜାତିୟ ତଥା ଭାରତୀୟ ସାମୁଦ୍ରିକ ଜଳସୀମାକୁ ଅତିକ୍ରମ କରି ଭାରତୀୟ ଜଳସୀମାରେ ପ୍ରବେଶ କରିଥିଲେ ୨୦ଜଣ ବାଂଲାଦେଶୀ ମତ୍ସ୍ୟଜୀବୀ । ସେମାନଙ୍କ ମାଛଧରା ବୋଟ ଖରାପ ହୋଇଯିବା ପରେ ସମୁଦ୍ର ଭିତରେ ଅନେକ ବାଟ ଯିବା ପରେ ପାରାଦୀପର ମତ୍ସ୍ୟଜୀବୀଙ୍କ ସହାୟତା ଲୋଡିଥିଲେ । ପାରାଦୀପର ମତ୍ସ୍ୟଜୀବୀମାନେ ସେମାନଙ୍କୁ ସମୁଦ୍ର ମଧ୍ୟରେ ମାନବିକତା ଦେଖାଇ ଖାଦ୍ୟପେୟ ଦେଇଥିଲେ । ଖରାପ ହୋଇଥିବା ସେମାନଙ୍କ ମାଛଧରା ବୋଟକୁ ସମୁଦ୍ରରେ ଟାଣି ଟାଣି ଆଣି ଥିଲେ ପାରାଦୀପ ନେହେରୁ ବଙ୍ଗଳା ଠାରେ ଥିବା ମାଛଧରା ବନ୍ଦରକୁ । ଖବର ଦିଆଯାଇଥିଲା ପାରାଦୀପ ସାମୁଦ୍ରିକ ଥାନାକୁ। ପାରାଦୀପ ସାମୁଦ୍ରିକ ଥାନା ଅଧିକାରୀ,ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଘଟଣାର ଗୁରୁତ୍ୱ ଦେଖି କୋଷ୍ଟଗାର୍ଡ, ରାଜ୍ୟ ମତ୍ସ୍ୟ ବିଭାଗ ଆଦିକୁ ସୂଚନା ଦେଇଥିଲେ । ଏହ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ହେବା ପରେ ସେମାନଙ୍କ ତଥ୍ୟ ବାଂଲାଦେଶ ସହ ଯୋଗାଯୋଗ କରାଯାଇଥିଲା। ସମସ୍ତ ତର୍ଜମା ପରେ ସେମାନଙ୍କୁ ଇଣ୍ଡିଆନ୍ କୋଷ୍ଟଗାର୍ଡ ଜାହାଜ ସରୋଜିନୀ ନାଇଡୁ ରେ ନେଇ ଆନ୍ତର୍ଜାତୀୟ ଜଳସୀମା ନିକଟରେ ବାଂଲାଦେଶ କୋଷ୍ଟଗାର୍ଡ ଅଧିକାରୀଙ୍କୁ ହସ୍ତାନ୍ତରିତ କରାଯାଇଥିବା ନେଇ କୋଷ୍ଟଗାର୍ଡ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ବାଂଲାଦେଶ କୋଷ୍ଟଗାର୍ଡ ଅଧିକାରୀମାନେ ଶାହାଡିନ୍ ବାଙ୍ଗଲା ଜାହାଜରେ ଏହି ମତ୍ସ୍ୟଜୀବୀମାନଙ୍କୁ ଗ୍ରହଣ କରିଥିଲେ । ଏଥି ସହିତ ସେମାନଙ୍କ ମାଛଧରା ବୋଟ ଆଲ୍ଲହାର ଡାନ୍‌କୁ ମଧ ହସ୍ତାନ୍ତରିତ କରାଯାଇଥିବା ଜଣାପଡିଛି ।

## ସରକାରୀ ମହାବିଦ୍ୟାଳୟରେ ନାମଲେଖା ଦୁର୍ନୀତି ଅଭିଯୋଗ ଆଣିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୧୦।୧(ପି.ଏନ): ୨୦୨୦ ଏବଂ ୨୦୨୧ ଶିକ୍ଷାବର୍ଷରେ ଭଦ୍ରକ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମଲେଖା କ୍ଷେତ୍ରରେ ସାଂଘାତିକ ଦୁର୍ନୀତି ହୋଇଛି। ଏଥିରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉପେକ୍ଷା କରାଯାଇଛି ଓ ଭିନ୍ନକ୍ଷମଙ୍କ ପାଇଁ ଉଦିଷ୍ଟ ସିଟ୍‌କୁ ବିକ୍ରି କରାଯାଇଛି। ଲାଂଚନେଇ କମ୍ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ନାମ ଲେଖାଯାଇଛି। ଭଦ୍ରକ ଜିଲ୍ଲାର ବିଜେଡ଼ି ନେତା ଓ ବିଜେଡ଼ି ଯୁବ ନେତା ହେଉଛନ୍ତି ଏହି ଦୁର୍ନୀତିର ମୁଖ୍ୟ ସୂତ୍ରଧର ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। । ସୂଚନା ଅଧିକାର ଆଇନ ବଳରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏଇ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରକୃତ କି ଜାଲ ମଗାଯାଇଥିଲା। ମୁଖ୍ୟ ଚିକିତ୍ସା ଅଧିକାରୀ ଏହା ଜାଲ ବୋଲି ସ୍ୱଷ୍ଟକରି ଦେଇଛନ୍ତି। ଏହି ନାମଲେଖା ରାକେଟରେ ବିଜେଡ଼ି ଦଳର କର୍ମକର୍ତା ତଥା ଭଦ୍ରକ ବିଜେଡି ବିଧାୟକଙ୍କ ପ୍ରତିନିଧି ଯୁବ ବିଜେଡ଼ିର ରାଜ୍ୟ ଯୁଗ୍ମ ସଂପାଦକ ରାକେଶ ପଣ୍ଡା ରହିଛନ୍ତି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯିଏକି ବିଜୁ ଯୁବଜନତା ଦଳର ସଭାପତି, ତାଙ୍କର ମଧ ଏଥିରେ ସଂପୃକ୍ତି ରହିଛି ।ସାରା ରାଜ୍ୟରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶାସକ ଦଳର ନେତାମାନଙ୍କ ମାଧ୍ୟମରେ ଏହି ର୍ୟାକେଟ କାମ କରୁଛି ବୋଲି ଅଭିଯୋଗ ହେଉଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଭଳି ସାଂଘାତିକ ଘଟଣା ଘଟିଥିବା ବେଳେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ଅରୁଣ ସାହୁ, ଉଚ୍ଚଶିକ୍ଷା ସଚିବଙ୍କ ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭଦ୍ରକ ଜିଲ୍ଲାପାଳ ସବୁ ଜାଣି ନୀରବ। ଘଟଣାକୁ ଚପାଇ ଦେବାପାଇଁ ଜିଲ୍ଲାପାଳ ଅପଚେଷ୍ଟା କରୁଛନ୍ତି। ଦୁଇ ବିଧାୟକ ଏହି ସିଟ ବିକ୍ରି ଦଲାଲମାନଙ୍କୁ ନିଜ ତତ୍ତ୍ୱାବଧାନରେ ସୁରକ୍ଷା ଦେଉଛନ୍ତି। ନବୀନ ସରକାର ଚାକିରୀ ବିକୁଥିଲେ, ଏବେ କଲେଜରେ ସିଟ୍ ବିକ୍ରୟ ଘଟଣାରୁ ପ୍ରମାଣିତ ହେଉଛି ଯେ ଏ ସରକାର ଏକ ଛାତ୍ର ବିରୋଧି ସରକାର। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଏଥିରେ ଯେଉଁମାନେ ସଂପୃକ୍ତ ସେମାନଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଭଦ୍ରକ ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ, ସଂପୃକ୍ତ ବିଜେଡ଼ି ନେତା, ନାମଲେଖା ଦାୟୀତ୍ୱରେ ଥିବା ମହାବିଦ୍ୟାଳୟର କର୍ତୃପକ୍ଷଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଶ୍ରୀ ନୱାଜ ଦାବି କରିଛନ୍ତି ।ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ଅରୁଣ ସାହୁ ୨୪ ଘଂଟା ମଧ୍ୟରେ ଘଟଣାର ତଦନ୍ତ କରି ଏଥିରେ ସଂପୃକ୍ତ ଦୋଷୀଙ୍କୁ ଦଣ୍ଡ ବିଧାନର ବ୍ୟବସ୍ଥା ନକରନ୍ତି ତେବେ ଛାତ୍ର କଂଗ୍ରେସ ମନ୍ତ୍ରୀଙ୍କର ସରକାରୀ ବାସଭବନକୁ ଯାଇ ତାଙ୍କୁ ପ୍ରଶ୍ନ କରିବ ବୋଲି ଶ୍ରୀ ନୱାଜ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀର ସ୍ୱାଗତ କର, ନଳିନୀ କାନ୍ତ ନାୟକ, ବିଶ୍ୱଭୂଷଣ ମହାପାତ୍ର, ବିଭୁ ପ୍ରସାଦ ଜେନା ଓ ସାଗର ପଟ୍ଟନାୟକ ଉପସ୍ଥିତ ଥିଲେ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିର୍ଣ୍ଣିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଅମରନାଥ ଶକ୍ତିପୀଠ



ପୂଣ୍ୟଭୂମି ଭାରତ ବର୍ଷରେ କୋଟି କୋଟି ଦେବୀ ଦେବତା, ଦେବ ପୀଠ ଓ ଶକ୍ତିପୀଠ ମାନ ରହିଛ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଭାରତୀୟ ଉପମହାଦେଶରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ, (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ



(ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ) ଓ ୪) କୋଲକତାର ଦକ୍ଷିଣ କାଳୀ(ମୁଖଖଣ୍ଡ)। ତେବେ ୫୧ଟି ଶକ୍ତିପୀଠ ମଧ୍ୟରେ କାଶ୍ମୀରର ମହାମାୟା ଶକ୍ତିପୀଠ(ଅମରନାଥ) ଅନ୍ୟତମ। ଏହା ଅତ୍ୟନ୍ତ ପବିତ୍ର ତୀର୍ଥ ସ୍ଥାନ ଭାବରେ ପରିଚିତ। ଭାରତୀୟ ଉପ-ମହାଦେଶରେ ଏହି ପୀଠର ମହାନତା ରହିଛି। ହିନ୍ଦୁ ଧର୍ମର ପୁରାଣ ଅନୁଯାୟୀ ଯେଉଁ ସ୍ଥାନ ଗୁଡ଼ିକରେ ଦେବୀ ସତୀଙ୍କ ଅଙ୍ଗର ବିଭିନ୍ନ ଅଂଶ, ବସ୍ତ୍ର ଓ ଆଭୁଷଣ ମାନ ବିଂଚି ହୋଇ ପଡ଼ିଥିଲା, ସେଗୁଡ଼ିକ ଶକ୍ତିପୀଠ ଭାବରେ ପରିଚିତ ହେଲେ।

କାଶ୍ମୀରରେ ଅମରନାଥଙ୍କ ପବିତ୍ର ଗୁମ୍ଫାରେ ଭଗବାନ ଶିବଙ୍କ ହିମ-ଜ୍ୟୋତିର୍ଲିଙ୍ଗ ସାରା ଭାରତରେ ପ୍ରସିଦ୍ଧ। ଏଠାରେ ହିମ-ଶକ୍ତିପୀଠ ମଧ୍ୟ ରହିଛି। ଆହୁରି ମଧ୍ୟ ଏଠାରେ ଏକ ଗଣେଷ ପୀଠ ଓ ଏକ ପାର୍ବତୀ ପୀଠ ବରଫ୍‌ରେ ନିର୍ମିତ ହୋଇଛି। ଏଠାକାର ପାର୍ବତୀ ପୀଠ ହିଁ ଶକ୍ତିପୀଠ ସ୍ଥଳ। ଶ୍ରାବଣ ମାସ ଶୁକ୍ଳ ପୂର୍ଣ୍ଣିମାରେ ଅମରନାଥଙ୍କ ଦର୍ଶନ ସହିତ ପାର୍ବତୀ ଶକ୍ତିପୀଠ ମଧ୍ୟ ଭକ୍ତ ମାନଙ୍କ ଦ୍ୱାରା ଦର୍ଶନ କରାଯାଏ। ଏଠାରେ ମା'ସତୀଙ୍କ ଅଙ୍ଗ ଓ ଅଙ୍ଗ ଭୂଷଣର ପୂଜା କରାଯାଏ। କାରଣ ଏଠାରେ ମାତା ସତୀଙ୍କ ବେକ ଖଣ୍ଡ ପଡ଼ିଥିଲା। ଏଠାରେ ଶକ୍ତି ମହାମାୟା ତଥା ଭୈରବ 'ତ୍ରିସନ୍ଧେଶ୍ୱର' ଅଟନ୍ତି।

ଜାମ୍ମୁ କାଶ୍ମୀର ରାଜ୍ୟରେ ଅବସ୍ଥିତ ଅମରନାଥ ଖୁବ୍ ପବିତ୍ର ତୀର୍ଥସ୍ଥଳୀ। ଅମରନାଥ ଧାମ ବିଶ୍ୱ ପ୍ରସିଦ୍ଧ ବର୍ଫାନୀ ଶିବ ଲିଙ୍ଗ ସହିତ ମହାମାୟା ଶକ୍ତିପୀଠ ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନୀୟ। ଏହି ସ୍ଥାନରେ ଭଗବାନ ଶିବ ନିଜ ପତ୍ନୀ ପାର୍ବତୀଙ୍କୁ ଅମର ହେବାର ଜ୍ଞାନ ଦେଇଥିଲେ। ଏହି ମନ୍ଦିର ମଧ୍ୟ ଅମରନାଥଙ୍କ ପବିତ୍ର ଗୁମ୍ଫାରେ ଅବସ୍ଥିତ। ଏଠାରେ ଶିବ ଭୈରବଙ୍କୁ 'ତ୍ରିସନ୍ଧେଶ୍ୱର'ଙ୍କ ନାମରେ ପୂଜା କରାଯାଏ। ଅମରନାଥଙ୍କ ଏହି ପବିତ୍ର ଗୁମ୍ଫାରେ, ଯେଉଁଠି ଭଗବାନ ଶିବଙ୍କ ହିମ ଲିଙ୍ଗର ଦର୍ଶନ ହୋଇଥାଏ, ସେଠାରେ ହିଁ ହିମ ନିର୍ମିତ ପାର୍ବତୀ ପୀଠ ରହିଛି। ଏହି ପାର୍ବତୀ ପୀଠ ମହାମାୟା ଶକ୍ତିପୀଠ ଭାବେ ପରିଚିତ। ଅମରନାଥ ଶକ୍ତିପୀଠ କାଶ୍ମୀରର ଶ୍ରୀନଗର ଠାରୁ ୧୪୧ କି.ମି.ଦୂର ୧୨୭୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଅମରନାଥ ଯାତ୍ରା ଭାରି କଷ୍ଟଦାୟକ ଅମରନାଥ ଗୁମ୍ଫା ପର୍ଯ୍ୟନ୍ତ ଯିବା ପାଇଁ ୨ଟି ବାଟ ରହିଛି। ପ୍ରଥମ: ଶ୍ରୀନଗର ଠାରୁ ୭୦ କି.ମି. ଦୂର ବଲତଲ୍, ଯାହା ପାଦରେ ଚଲା ଯାଇପାରେ। କିନ୍ତୁ ଏହି



ରାସ୍ତା ଭାରି ଭୟଙ୍କର। କାରଣ ବର୍ଷାର ବିପଦ ରହିଛି। ଦ୍ୱିତୀୟ: ପହଲଗାମ୍ ରୁ ଯାତ୍ରା ଆରମ୍ଭ ହୁଏ। ଯାହା ଚନ୍ଦନବାଡ଼ି, ଶେଷନାଗ, ପଂଚତରଣୀ ହୋଇ ଯିବାକୁ ପଡ଼େ। ଏହା ବଲତଲ୍ ରାସ୍ତା ଠାରୁ ବହୁତ ଭଲ ଓ ଚନ୍ଦେବାଡ଼ି ଠାରୁ ୧୬ କି.ମି.ଦୂରରେ ପବିତ୍ର ଅମରନାଥ ଗୁମ୍ଫା ଆସିଥାଏ। ଅଧିକାଂଶ ଯାତ୍ରୀ ଏହି ରାସ୍ତାକୁ ପସନ୍ଦ କରନ୍ତି। ଜାମ୍ମୁ ଠାରୁ ପହଲଗାମ୍ ପର୍ଯ୍ୟନ୍ତ ୧୨ ଘଂଟାର ବସ୍ ଯାତ୍ରା ପରେ ପହଲଗାମ୍‌ରେ ରାତ୍ରି ବିଶ୍ରାମ କରି ପୁଣି ଯାତ୍ରା ଆରମ୍ଭ ହୁଏ। ପ୍ରଥମ ବିଶ୍ରାମ ୧୪ କି.ମି. ଦୂର ଚନ୍ଦନବାଡ଼ିରେ ହୋଇଥାଏ। ଏହି ବାଟକୁ ପାଦରେ କିମ୍ବା ମିନି ବସ୍‌ରେ ଅତିକ୍ରମ କରିବାକୁ ପଡ଼େ। ୯୫୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ଚନ୍ଦନବାଡ଼ିରେ ଭାରି ଥଣ୍ଡା ଥଣ୍ଡା ପବନ ଦେହକୁ ଶୀତେଇ ଦିଏ। ଏଠାରେ ଯାତ୍ରା ପାଇଁ ଛଡ଼ (ବାଡ଼ି) କିଣିବାକୁ ହୁଏ। କାରଣ ଏଠାରୁ ପଦଯାତ୍ରା ଆରମ୍ଭ ହୁଏ। ପ୍ରାୟ ୩୨ କି.ମି.ସିଧା ଉପରକୁ ଉଠାଣି ରାସ୍ତା ହୋଇଥିବାରୁ ବହୁ କଷ୍ଟ ଲାଗିଥାଏ। ପ୍ରତିବର୍ଷ ଉଚ୍ଚତାରେ "ପିସ୍ସୁ ଟାପୁ"ରେ ପହଂଚି ଟିକେ ବିଶ୍ରାମ କରିବାକୁ ପଡ଼େ। ଏହାପରେ 'ଶେଷନାଗ' ଅର୍ଥାତ୍ ଦ୍ୱିତୀୟ ଆଶ୍ରୟସ୍ଥଳୀ ଆଡ଼େ ଯିବାକୁ ପଡ଼େ। ରାସ୍ତାରେ ଜୋଝିପାଲ୍ ଓ ନାଗାକୋଟୀରେ ଅଳ୍ପ ସମୟ ବିଶ୍ରାମ କରି ୧୨୫୦୦ ଫୁଟ୍ ଉଚ୍ଚତାରେ(ଚନ୍ଦନବାଡ଼ୀ)ରୁ ୧୪ କି.ମି. ଦୂର ଶେଷନାଗରେ ପହଂଚିବାକୁ ହୁଏ। ଚତୁର୍ଦ୍ଦିଗରେ ଉଚ୍ଚ ଉଚ୍ଚ ପାହାଡ଼ ଘେରା ଏକ ବିଶାଳ ହ୍ରଦ ରହିଛି, ଯାହାର ଗଭୀରତା ଅନୁମାନ କରିବା କଷ୍ଟକର। ଏହି ସ୍ଥାନକୁ ଶେଷନାଗଙ୍କ ବାସ ସ୍ଥାନ ବୋଲି କୁହାଯାଏ। ଶେଷନାଗ ବେଳେ ବେଳେ ଭକ୍ତ ମାନଙ୍କୁ ଦର୍ଶନ ଦେଉଥିବା କୁହାଯାଏ। ଏଠାରେ ଥିବା ଟେଂଟ ହାଉସରେ ବିଶ୍ରାମର ସୁବିଧା ସହିତ ଅହରହ ଅନ୍ନଛତ୍ରର ବ୍ୟବସ୍ଥା ରହିଛି। ସୀମା ସୁରକ୍ଷା ବାହିନୀର ଟେଂଟ ହାଉସ୍‌ରେ ଜରୁରୀ କାଳୀନ ଚିକିତ୍ସା ସୁବିଧା ମଧ୍ୟ ଉପଲବ୍ଧ ରହିଛି। ପର ଦିନ ୧୩ କି.ମି. ଦୂରର ପଂଚତରଣୀ (ତୃତୀୟ ବିଶ୍ରାମ ସ୍ଥଳୀ) ଦିଗକୁ ଯାତ୍ରା ଆରମ୍ଭ ହୋଇଥାଏ। ଏହା ଅତି କଠିନ ରାସ୍ତା। ଏବେ ୧୪୮୦୦ ଫୁଟ୍ ଉପରକୁ ଯାତ୍ରା। ଏଠାରେ ପ୍ରବଳ ଥଣ୍ଡା ହାଡ଼ା ବଢ଼ିଯାଏ। ଅଳ୍ପ ସମୟ ବିଶ୍ରାମ କରି ଏଠାରୁ ପଂଚତରଣୀ ପାଇଁ ତଳକୁ ଓହ୍ଲାଇବାକୁ ପଡ଼େ। ରାସ୍ତାରେ ଗାବିବାଲ୍ ତଥା ପୋଶପତ୍ରୀ ବାଟ ଦେଇ ତୃତୀୟ ଆଶ୍ରୟସ୍ଥଳ ପଂଚତରଣୀରେ ବିଶ୍ରାମ ଓ ଅଟକିବାକୁ ହୁଏ। ଏଠାରେ ମଧ୍ୟ ଚିକିତ୍ସା ସୁବିଧା,ବିଶ୍ରାମ ତଥା ଅନ୍ନଛତ୍ରର ସଂପୂର୍ଣ୍ଣ ବ୍ୟବସ୍ଥା ରହିଛି। ଏଠାରୁ





ସ୍ଥାନୀୟ ସରକାର ଶିବ ଭକ୍ତ ମାନଙ୍କ ପାଇଁ ଅମରନାଥ ଯାତ୍ରାର ବ୍ୟବସ୍ଥା କରିଥାନ୍ତି। ଏଠାରେ ଅମରନାଥ ଯାତ୍ରା ମୁଖ୍ୟତଃ ପ୍ରତିବର୍ଷ ଜୁନ୍ ରୁ ଅଗଷ୍ଟ ପର୍ଯ୍ୟନ୍ତ ପାଳନ ହୋଇଥାଏ। ଏହି ଗୁମ୍ଫାରେ ଭକ୍ତମାନଙ୍କୁ ପ୍ରସାଦ ଆକାରରେ ବିଭୂତି ଦିଆଯାଏ। ଏହି ଗୁମ୍ଫା କେବଳ ଅଳ୍ପଦିନ ପାଇଁ ଆଷାଢ଼ ମାସରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ହିଁ ଖୋଲା ରୁହେ।

ପଥୁରିଆ ରାସ୍ତାରେ ପ୍ରାୟ ୩-୪ ଘଂଟାରେ ୩ କି.ମି.ଦୂର ଯାତ୍ରା କରି ୧୧୫୦୦ ଫୁଟ ଅମରନାଥ ଗୁମ୍ଫାର ଦୂରତା ମାତ୍ର ୭କି.ମି.। ଏହି ଗୁମ୍ଫା ୧୩୬୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଏହି ଯାତ୍ରାରେ କିଛି ଲୋକେ ଘୋଡ଼ାରେ ମଧ୍ୟ ଯାଆନ୍ତି, ମାତ୍ର ଏହି ବ୍ୟବସ୍ଥା ପୂର୍ବରୁ କରିବାକୁ ପଡ଼େ। ଦର୍ଶନ ପୂର୍ବରୁ ଅମରାବତୀ ଝରଣାରେ ସ୍ନାନ କରିବାକୁ ପଡ଼େ। ଅମରନାଥ ଗୁମ୍ଫା ପ୍ରାୟ ୬୦ ଫୁଟ୍ ଲମ୍ବା ଓ ୨୬ ଫୁଟ୍ ଓସାର। ଏହାର ଉଚ୍ଚତା ୧୫ ଫୁଟ୍।

**ଶରତ କୁମାର ରାଉତ**
ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

# ବିଶ୍ୱାସ ଯେଉଁଠି ପ୍ରେମ ସେଇଠି



"ତୁମେ ଯଦି ତୁମ ହୃଦୟ ମନ୍ଦିରରେ ମୋର ଦୈବତ୍ୱ ପ୍ରତି ଅଚଞ୍ଚଳ ବିଶ୍ୱାସକୁ ସ୍ଥିର ରଖିପାର ତେବେ ମୋର ସ୍ୱସ୍ୱରୂପ ଦର୍ଶନ ପାଇପାରିବ। କିନ୍ତୁ ତୁମେ ଯଦି ଘଣ୍ଟାର ଦୋଳକ ପରି ଥରେ ଭକ୍ତି ଓ ଥରେ ଅବିଶ୍ୱାସ ମଧ୍ୟରେ ଝୁଲୁଥାଅ, ତେବେ କେବେ ମୋର ସତ୍ୟକୁ କଳନା କରି ସେଥିରୁ ଲବ୍ଧ ଆନନ୍ଦ ପାଇପାରିବ ନାହିଁ।"- **ଭଗବାନ ଶ୍ରୀ ସତ୍ୟସାଇ ବାବା।** ଏ ମୋର ପିତା, ଏ ମୋର ଜନ୍ମଦାତ୍ରୀ ମାତା ଏହାକୁ ବିଶ୍ୱାସ କରିବା ପାଇଁ ଆମେ କୌଣସି ଚାକ୍ଷୁସ ପ୍ରମାଣ ଖୋଜିନେ। ତାଙ୍କର ଅନାବିଳ ପ୍ରେମର ସ୍ପର୍ଶ ଓ ଛାୟାର ବେଷ୍ଟନୀରେ ଯେବେ ଆମେ ବଢ଼ିଚାଲୁ ଆମର ବିଶ୍ୱାସ ଆମର ଶ୍ୱାସ ଭଳି ଅଟଳ ହୋଇଉଠେ। ସେ ବିଶ୍ୱାସ ପ୍ରଶ୍ନର ବହୁତ ଉର୍ଦ୍ଧ୍ୱରେ। ପରମପିତା ଏ ସୃଷ୍ଟିର ସର୍ଜନା କରିବା ସଂକଳ୍ପ ତାଙ୍କ ପ୍ରେମରୁ ଫୁଟି ଉଠିଥିଲା। ଭଗବାନ ବାବା କୁହନ୍ତି - ମୁଁ ପ୍ରେମର ଆନନ୍ଦ ପାଇବା ପାଇଁ ନିଜକୁ ନିଜଠାରୁ ଅଲଗା କଲି ଓ ମଣିଷକୁ ସୃଷ୍ଟି କଲି। ଏ ଦୁନିଆରେ ଆମେ ପ୍ରେମକୁ ଯେଉଁ ରୂପରେ ଦେଖୁ ସେ ସବୁ କେବଳ ସେ ପରମ ପ୍ରେମର ଏକ ଆଂଶିକ ପ୍ରତିଫଳନ ମାତ୍ର। ତାକୁ ଆମେ କେତେବେଳେ ମା'ର ମମତାରେ ଦେଖୁ ତ କେବେ ସ୍ତ୍ରୀ ପୁରୁଷର ଆକର୍ଷଣରେ। କେବେ ତାହା ମୋହର ରୂପ ନିଏ ତ କେବେ ଧନ ଲୋଭର। ସେ ଯାହା ହେଉନା କାହିଁକି, ଯେଉଁଠି ବି ପ୍ରେମର ସମ୍ପର୍କ ଗଢ଼ିଉଠେ ସେଠି ବିଶ୍ୱାସ ପ୍ରେମକୁ ପୁଷ୍ଟ କରିଥାଏ। ଯେତେବେଳେ ବିଶ୍ୱାସର ଅଭାବ ଦେଖାଦିଏ ସେତେବେଳେ ସମ୍ପର୍କ ପ୍ରତି ବିପଦ ଆସିଥାଏ। ଯଦି ଭୌତିକ ଜଗତର ଏ ସତ୍ୟକୁ ଆମେ ମାନିନେଉ, ତାହେଲେ ଅନୁଶୀଳନ କରିବାର କଥା, ଯେଉଁ ପରମପିତା ପ୍ରେମର ଶକ୍ତିରେ ଏ ଜଗତକୁ ସୃଷ୍ଟି କରିଛନ୍ତି, ସବୁଥିରେ ନିଜକୁ ଅବସ୍ଥାପିତ କରିଛନ୍ତି ତଥା ଚଳତ୍‌କ୍ଷମ କରିଛନ୍ତି ତାଙ୍କ ପ୍ରତି ଆମ ବିଶ୍ୱାସ କେତେ ଗଭୀର ଓ ଅଟଳ ହେବା ଆବଶ୍ୟକ! ବିଶ୍ୱାସର ଚେର ସେତିକି ଗଭୀର ଓ ଦୃଢ଼ ନହେଲେ ସେ ଦିବ୍ୟ ପ୍ରେମକୁ ଆସ୍ୱାଦନ କରିବା ଓ ଅମୃତୋପମ ସେ ପ୍ରେମର ବାରିଧିରେ ଅବଗାହନ କରିବା ସହଜ ନୁହେଁ। ସେ ଆମର ସୃଷ୍ଟିର କାରଣ, କାଳ ଗର୍ଭରେ ଲୁକ୍‌କାୟିତ ଆମର ଭୂତ ଭବିଷ୍ୟ ସବୁ ବିଷୟରେ ଅବଗତ। ଅଥଚ ଆମର ବିଶ୍ୱାସ ତାଙ୍କ ପ୍ରତି ସବୁବେଳେ ଦୋଳାୟିତ। ଭଗବାନ ମଧ୍ୟ ଭକ୍ତର ବିଶ୍ୱାସକୁ ସ୍ଥିର ଅଟଳ କରିବା ପାଇଁ ପ୍ରେମବଶତଃ ତାର ପରୀକ୍ଷା ନେଇଥାନ୍ତି। ଯେମିତି ଆମେ କାନ୍ଥରେ କଣ୍ଟାଟିଏ ପିଟିବା ପରେ ତାକୁ ଦୋହଲାଇ ପରୀକ୍ଷା କରିଥାଉ। ଈଶ୍ୱରଙ୍କର ଏସବୁ ପରୀକ୍ଷା ଉଦ୍ଦିଷ୍ଟ କେବଳ ଭକ୍ତର ହୃଦୟରେ ବଢୁଥିବା ବିଶ୍ୱାସର ବୃକ୍ଷକୁ ସୁଦୃଢ଼ କରିବା ପାଇଁ ଯାହା ଜୀବନର ସବୁ ଝଡ଼ ଝଞ୍ଜାକୁ ପ୍ରତିହତ କରିବାର ଶକ୍ତି ରଖିପାରିବ। ଆଧାତ୍ମିକ ମାର୍ଗରେ ଯେତେବେଳେ ସାଧକ ଅନୁଭବ କରିପାରେ ଯେ ଭଗବାନ ତାକୁ ସବୁବେଳେ ଜଗି ରହିଛନ୍ତି, ଆଖିକୁ ଆଖିପତା ଜଗି ରହିଥିବା ଭଳି ସେତେବେଳେ ତା'ର ବିଶ୍ୱାସ ଓ ବିଶ୍ୱାସଜନିତ ପ୍ରେମ ସଫଳତା ଲାଭ କରେ। ତା' ଭିତରୁ ଦ୍ୱନ୍ଦ୍ୱ, ଭୟ, ଅନିଶ୍ଚିତତା ଅପସରିଯାଏ ଓ ପ୍ରଭୁ ପ୍ରେମରେ ଅବଗାହନ କରି ସେ ପ୍ରଶାନ୍ତି ଲାଭ କରେ। ପ୍ରେମ ଆଉ ବିଶ୍ୱାସ ପରସ୍ପରର ପରିପୂରକ। ଯେକୌଣସି ସମ୍ପର୍କର ସୃଷ୍ଟି ବିଶ୍ୱାସରୁ ହିଁ ହୋଇଥାଏ। ଆଉ ଯେଉଁଠି ବିଶ୍ୱାସ ଥାଏ ସେଠି ପ୍ରେମ ବସା ବାନ୍ଧେ। ବିଶ୍ୱାସ ଆଉ ପ୍ରେମର ସମନ୍ୱୟ ସୃଷ୍ଟି କରେ ଏକ ଭକ୍ତର ପରିଚୟ। ଏ ବିଶ୍ୱାସ ଏକ ସରଳ ହୃଦୟ ପାଇଁ ସୁବୋଧ ହୋଇଥାଏ। ଜିଜ୍ଞାସୁର ଏକ ସରଳ ହୃଦୟରେ ବିଶ୍ୱାସ ବାସ କରେ। ଯୁବକ ନରେନ୍‌ର ମଧ୍ୟ ଏକ ସରଳ ଓ ଜିଜ୍ଞାସୁ ହୃଦୟ ଥିଲା। ଯେତେବେଳେ ସେ ରାମକୃଷ୍ଣଙ୍କୁ ପ୍ରଶ୍ନ କଲା 'ତୁମେ କଣ ମା'ଙ୍କୁ ଦେଖିଛ' - ତତ୍‌କ୍ଷଣାତ ରାମକୃଷ୍ଣ କହିଥିଲେ, 'ହଁ ଦେଖିଛି ଯେମିତି ଏବେ ତୋତେ ଦେଖୁଛି।' ରାମକୃଷ୍ଣଙ୍କର ଏଇ ପଦକ କଥା ନରେନକୁ ବିବେକାନନ୍ଦରେ ରୂପାନ୍ତରିତ କରିଥିଲା। ହଜାର ହଜାର ଜିଜ୍ଞାସୁ ଭଗବାନ ବାବାଙ୍କ ପାଖକୁ ସାତ ଦରିଆ ପାରି ହୋଇ ବିଦେଶରୁ ଆସୁଥିଲେ। ସେମାନଙ୍କର ସେଇ ଗୋଟିଏ ଜିଜ୍ଞାସା ଥିଲା। ଅନେକ କଷ୍ଟ ସ୍ୱୀକାର କରି ସେମାନେ ଆସୁଥିଲେ, ଦିନ ଦିନ ଧରି ପୁଟ୍ଟପର୍ତ୍ତୀ ଗ୍ରାମରେ ରହୁଥିଲେ ଓ ତୃପ୍ତ ହୋଇ ଯାଉଥିଲେ ପରମାତ୍ମାଙ୍କ ସାକାର ରୂପ ଦର୍ଶନ କରି ଏକ ଆଶ୍ୱାସନା ନେଇ ଯେ ଦୁନିଆର ଯେଉଁଠି ଥିଲେ ବି ସ୍ୱାମୀ ତାଙ୍କ ସାଥିରେ ରହିଥିବେ। ଆମେ ସମସ୍ତେ ତାଙ୍କ କାଣିଚାଏ ପ୍ରେମ ପାଇଁ ତୃଷାର୍ତ୍ତ। କିଏ ନ ଚାହେଁ ତାଙ୍କୁ ପ୍ରେମ ନ ଦେବାକୁ ଓ ତାଙ୍କ ପ୍ରେମ ନ ପାଇବାକୁ। ହେଲେ ସେଥିପାଇଁ କେବଳ ଆବଶ୍ୟକ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ତାଙ୍କ ଉପରେ, ତାଙ୍କ ବାର୍ତ୍ତା ଉପରେ। ସେ ଆମକୁ ଦେଇଯାଇଥିବା ଅମର ବାର୍ତ୍ତାକୁ ଆମେ ଯେତେବେଳେ ଆମ ଜୀବନ ଓ ଜୀବନୀର ଅନ୍ତସ୍ରୋତ କରିପାରିବା ସେତେବେଳେ ବିଭୁପ୍ରେମ ଆମ ଆଡ଼କୁ ଅବାରିତ ଭାବେ ଝରି ଆସିବ। ସେହି ଲକ୍ଷ୍ୟରେ ଆମ ପାଇଁ ସ୍ୱାମୀ ତାଙ୍କ ହାତଗଢ଼ା ଏ ସଂଗଠନ ଦେଇଛନ୍ତି। ଏଥିରେ ନିଜକୁ ନିମଗ୍ନ କରି ତାଙ୍କ ବାର୍ତ୍ତାକୁ ଆମେ ଆମ ଜୀବନରେ ପ୍ରତିଫଳିତ କରିପାରିବା ଓ ଦେବ ଦୁର୍ଲଭ ଭଗବତ୍ ପ୍ରେମକୁ ଉପଭୋଗ କରିପାରିବା। ପ୍ରେମ ଯଦି ସୌନ୍ଦର୍ଯ୍ୟ ଓ ସୁଗନ୍ଧଭରା ଏକ ପୁଷ୍ପମାଲ୍ୟ ହୁଏ ତେବେ ବିଶ୍ୱାସ ତାକୁ ଧରି ରଖିଥାଏ ସୁତାଖିଅ ପରି। ବିଶ୍ୱାସ ଏପରି ଏକ ଅଦୃଶ୍ୟ ନୀରବ ସାଧନା ଯାହା ପ୍ରେମକୁ ଦୀପ୍ତିମନ୍ତ କରିଥାଏ।

**ନାରାୟଣ ପ୍ରସାଦ ସର,**
**ସଭାପତି, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା,**
**ଭୁବନେଶ୍ୱର, ଦୂରଭାଷ : ୯୪୩୮୧୮୨୪୮୯**

# ଦି'ବ୍ରେନ୍ ଫାଉଣ୍ଡେସନର ରାଜ୍ୟସ୍ତରୀୟ ବାର୍ଷିକ ବନ୍ଧୁ ମିଳନ ଓ ସେବା ସପ୍ତାହ



କଟକ (ପିଏନ୍): ପୁରୀଘାଟ ରୋଡ଼ସ୍ଥିତ ଓଡ଼ିଶାର ସ୍ୱାସ୍ଥ୍ୟ ସମାଜ ସେବା ସଂଗଠନ ଦି'ବ୍ରେନ୍ ଫାଉଣ୍ଡେସନ ଆନୁକୂଲ୍ୟରେ ବାଙ୍କୀ ସନ୍ନିକଟ ଗୟାଳବାଙ୍କ ଗ୍ରାମରେ ରାଜ୍ୟ ସ୍ତରୀୟ ବାର୍ଷିକ ବନ୍ଧୁ ମିଳନ ଓ ସେବା ସପ୍ତାହର ଉଦ୍‌ଯାପନୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ମୁଖ୍ୟ ଟ୍ରଷ୍ଟି ତଥା ବିଶିଷ୍ଟ ଯୁବମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କରଙ୍କ ପୌରହିତ୍ୟରେ ଗତ ଖ୍ରୀଷ୍ଟମାସରୁ ଆରମ୍ଭ ହୋଇଥିବା ସପ୍ତାହ ବ୍ୟାପୀ ସେବା ଶିବିରରେ ଏଗାରଶହରୁ ଉର୍ଦ୍ଧ୍ୱ ମାନସିକ ରୋଗୀଙ୍କ ଚିକିତ୍ସା ଦାୟିତ୍ୱ ଗ୍ରହଣ ଓ ପରୀକ୍ଷା ସହ ଆନୁସଙ୍ଗିକ ଔଷଧପତ୍ର, ସାନିଟାଇଜର, ମାକ୍ସ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ କର, ବିଶିଷ୍ଟ ମହିଳା ସମାଜସେବିକା ଓ ଲେଖିକା ଡକ୍ଟର ଗାୟତ୍ରୀ ଦେବୀଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମରେ ଖ୍ୟାତିସମ୍ପନ୍ନ ଗଣମାଧ୍ୟମ ବ୍ୟକ୍ତିତ୍ୱ ତଥା ଓଡ଼ିଶାର ଲୋକପ୍ରିୟ ନିରପେକ୍ଷ ଦୈନିକ 'ନିର୍ଭୟ'ର ସମ୍ପାଦକ ନବୀନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନର ଭୂୟଂଶୀ ପ୍ରଶଂସା କରିବା ସହ ସମାଜ ସେବା କାର୍ଯ୍ୟକୁ ଆଗେଇ ନେବା ପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶହୀଦ ସ୍ପୋର୍ଟିଂର ସମ୍ପାଦକ ପଙ୍କଜ ପଟ୍ଟନାୟକ, ଅଲ ଓଡ଼ିଶା କ୍ୟାଟରିଙ୍ଗ ଆସୋସିଏସନ୍‌ର ସମ୍ପାଦକ ପ୍ରବୋଧ ଦାସ, ଜିଏସଟିର ଅଧୀକ୍ଷକ ଆଶିଷ ପତି, ବରିଷ୍ଠ ଆଇନଜୀବୀ ସମ୍ବିତ କର, ପଦ୍ମଲୋଚନ କର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ସହକାରୀ ପ୍ରଫେସର ଡାକ୍ତର ଶୁଭଶ୍ରୀ ମିଶ୍ର ସହଯୋଗ କରିବା ସହ ଗର୍ଭବତୀ ଓ ପ୍ରସୂତୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ଓ ଆନୁସଙ୍ଗିକ ଉପହାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ 'ଦି ବ୍ରେନ'ର ମହିଳା ଶାଖା ବିଭାଗର ଶୈଳବାଳା କର, ସଲୋନୀ କର ଓ ସହଯୋଗୀ ମନୋଜ କୁମାର ରାୟ, ତାପସୀ ରାୟ, ସ୍ନେହାଂଶ କର, ଶ୍ରେୟାଷ କର, ତୁମ୍ପି ଭଦ୍ରା, ବ୍ରଜ ବେହେରା, ବାସୁଦେବ ସାହୁ, ବିକାଶ ବାରିକ, ସମାଜ ସେବୀ ନିରଞ୍ଜନ ଡାଲୁଅ, ରବିନାରାୟଣ ମିଶ୍ର, ସୁବାଷ ପଟ୍ଟନାୟକ, ରଶ୍ମୀ ରଞ୍ଜନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହା ସହ କଟକ ସହର ଓ ସନ୍ନିକଟ ବସ୍ତୀ ଅଞ୍ଚଳର ଚାରିଶହ ଚଉଦ ଜଣ ମାନସିକ ଚିକିତ୍ସା ସେବାରୁ ବଞ୍ଚିତ ଦିବ୍ୟାଙ୍ଗ ମାନଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ସପ୍ତାହବ୍ୟାପୀ ପ୍ରଦାନ ସହ ଔଷଧପତ୍ର ଓ ଆନୁସଙ୍ଗିକ ଦାୟିତ୍ୱ ଫାଉଣ୍ଡେସନ ଗ୍ରହଣ କରିଛି ବୋଲି ଏହି ଅବସରରେ ଡାକ୍ତର କର ସୂଚନା ଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ଲୋକପ୍ରତିନିଧିମାନେ ଏଥିରେ ସହଯୋଗ ପୂର୍ବକ ଫାଉଣ୍ଡେସନର ସେବାକାର୍ଯ୍ୟ ପାଇଁ କୃତଜ୍ଞତା ଜଣାଇବା ସହ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ।

## ସମଗ୍ର ରାଜ୍ୟରୁ ବେକାରୀ ଓ ଗରିବୀ ସମସ୍ୟାର ସମାଧାନ ପାଇଁ ଅନୁରୋଧ

ଭୁବନେଶ୍ୱର (ପିଏନ୍): ଆଜି ସମଗ୍ର ଦେଶ ତଥା ରାଜ୍ୟ ଯଦିଓ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି ସେଥିମଧ୍ୟରୁ ଦୁଇଟି ସମସ୍ୟା ଯାହାହେଲା ଗରିବୀ ଓ ବେକାରୀ ଯାହାକୁ ନେଇ ଦେଶ ତଥା ରାଜ୍ୟ ବିଚଳିତ। ଆଜିର ଯୁବ ସମାଜ ଯାହା ଉପରେ ଦେଶର ଭବିଷ୍ୟତ ନିର୍ଭର କରେ ସେମାନେ ଆଜି ଅବହେଳିତ, ଉଦ୍‌ଭ୍ରାନ୍ତ ଓ ନିମ୍ନଗାମୀ। ଯାହାର ଏକମାତ୍ର କାରଣ ବେକାରୀ, ବିଦ୍ୟାଧ୍ୟୟନ କରି ସୁଦ୍ଧା ନିଜର ବିଦ୍ୟାକୁ ସଠିକ୍ ଭାବରେ ନିୟୋଜିତ କରିବାର ସୁଯୋଗରୁ ବଂଚିତ, ଯାହା ଆମ ସରକାର ତଥା ପ୍ରଶାସନିକ ଅଧିକାରୀମାନଙ୍କ ବିଫଳ ମାନସିକତା ଓ କାର୍ଯ୍ୟଧାରାର ପ୍ରକ୍ରିୟାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଜ୍ୟର ଅହେତୁକ ଦରଦାମ ବୃଦ୍ଧି, ଶିକ୍ଷା ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ଓ ବେକାରୀ ତଥା ଶାସନକାରୀ ଓ ସାହାଯ୍ୟକାରୀ ଭିତରେ ସମନ୍ୱୟର ଅଭାବ କୁ ନେଇ ବର୍ତ୍ତମାନ ଜନସାଧାରଣ ବ୍ୟତିବ୍ୟସ୍ତ । ଏହିସବୁ ସମସ୍ୟାର ଆସୁ ସମାଧାନକୁ ନେଇ ଯୁବ ସମାଜସେବୀ ରତନ ଅଗ୍ରୱାଲ ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ପନ୍ଥା ନିର୍ଦ୍ଧାରଣ କରିଛନ୍ତି। ସରକାର ଯଦି ଏହାର ଆଶୁ ସମାଧାନ ଚାହାଁନ୍ତି, ତାଙ୍କ ସହିତ ସହଯୋଗର ହାତ ବଢ଼ାଇବା ସହ ଆଲୋଚନା କରନ୍ତି, ତେବେ ଏହି ସମସ୍ୟାର ପନ୍ଥା ବାହାରି ପାରିବ ବୋଲି ସେ ଦୃଢତା ପ୍ରକାଶ କରିଛନ୍ତି। ପରିଶେଷରେ ସେ ତାଙ୍କ ସହିତ ଯୋଗାଯୋଗ କରିବାପାଇଁ ଭ୍ରାମ୍ୟଭାଷ ନମ୍ବର ଦେଇଛନ୍ତି ଯାହାହେଲା- (୯୭୭୮୬୦୬୭୮୯)

# ସ୍ୱାଧୀନତା ସଂଗ୍ରାମୀ, ପ୍ରାକ୍ତନ ମନ୍ତ୍ରୀ ଡା. ବେଣୁଧର ବଳିଆରସିଂହଙ୍କ ୧୦୪ତମ ଜୟନ୍ତୀ



ଖୋର୍ଦ୍ଧା (ପିଏନ୍): ସ୍ୱାଧୀନତା ସଂଗ୍ରାମୀ, ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ପ୍ରଥମ ମନ୍ତ୍ରୀ, କଳିଙ୍ଗ ପାଇକ ସଂଗଠନର ପ୍ରତିଷ୍ଠାତା ଡା. ବେଣୁଧର ବଳିଆରସିଂହଙ୍କର ୧୦୪ତମ ଜୟନ୍ତୀ କଳିଙ୍ଗ ପାଇକ ସଂଗଠନ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗଠନର ମୁଖ୍ୟ ଉଦ୍ୟୋକ୍ତା ଇଂ ଶିଶିର ନାୟକ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଅମରେନ୍ଦ୍ର ମହାପାତ୍ର, ଦଳବେହେରା ମୃତ୍ୟୁଂଜୟ ଛୋଟରାୟ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରଦୀପ ବିଶ୍ୱାଳ, ସୁଷମା ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କର କହିଥିଲେ ଯେ, ଡାକ୍ତର ବଳିଆରସିଂହ ଡାକ୍ତରୀ ପେଶାରୁ ଅବ୍ୟାହତି ନେଇ ରାଜନୀତିରେ ପ୍ରବେଶ କରିଥିଲେ। ୧୯୭୧ ମସିହାରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ବହୁ ଭୋଟରେ ପରାସ୍ତ କରି ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ଶ୍ରମ, ଜେଲ ଓ ଅବକାରୀ ବିଭାଗ ମନ୍ତ୍ରୀ ହୋଇଥିଲେ। ପୁନଶ୍ଚ ୧୯୭୪ ନିର୍ବାଚନରେ ଖୋର୍ଦ୍ଧାରୁ ପୁନଃ ଜୟଯୁକ୍ତ ହୋଇ ହେମାନନ୍ଦ ବିଶ୍ୱାଳଙ୍କ ମନ୍ତ୍ରିମଣ୍ଡଳରେ ଶ୍ରମ ଓ ପରିବାର ନିୟୋଜନ ବିଭାଗ ସଂଭାଳିଥିଲେ। ଜଣେ ସଚ୍ଚୋଟ ଓ ସ୍ୱାଭିମାନୀ ରାଜନେତା ଭାବେ ସେ ପରିଚିତ ଥିଲେ। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ କୃଷିର ବିକାଶ ପାଇଁ ନଦୀ ବନ୍ଧବାଡ଼ର ବ୍ୟବସ୍ଥା କରାଇଥିଲେ। କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭାବେ ସତ୍ୟାନନ୍ଦ ଚମ୍ପତିରାୟ ଓ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସହ ରହି ପାଇକ ସଂପ୍ରଦାୟକୁ ଏକତ୍ରିତ କରିବା ପାଇଁ ଉଦ୍ୟମ କରିଥିଲେ। ୧୮୧୭ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ପରିଚିତ କରାଇବା ପାଇଁ ସେ ପ୍ରୟାସ କରିଥିଲେ। ଛାତ୍ରାବସ୍ଥାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଝାଡ଼ଖଣ୍ଡରୁ ବରିଷ୍ଠ ସାମ୍ବାଦିକ ଜଗତ କିଶୋର ସାମଲଙ୍କ ନେତୃତ୍ୱରେ ଏକ ଗୁଗୁଲ୍ ମିଟ୍ କାର୍ଯ୍ୟକ୍ରମ ଡାକ୍ତର ବେଣୁଧର ବଳିଆରସିଂହ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ବିହାର, ଛତିଶଗଡ଼ ପ୍ରମୁଖ ବହୁ ରାଜ୍ୟର ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

## ଭରତପୁର ପଞ୍ଚାୟତରେ ନୂତନ ଜିଆରଏସଙ୍କ ଯୋଗଦାନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମ ପଞ୍ଚାୟତରେ ନୂତନ ଗ୍ରାମରୋଜଗାର ସେବକ ଭାବେ ଲିପିକା ଅଗ୍ନିହୋତ୍ରୀ ଶୁକ୍ରବାର ଯୋଗଦେଇଛନ୍ତି। ପଞ୍ଚାୟତର ସରପଞ୍ଚ ଜୀନତପ୍ରିୟଦର୍ଶିନୀ ରାଉତଙ୍କୁ ସେ ଯୋଗଦାନ ରିପୋର୍ଟ ପ୍ରଦାନ କରିଛନ୍ତି। ଭରତପୁର ପଞ୍ଚାୟତରେ ଜି.ଆର.ଏସ. ଥିବା କ୍ଷଣପ୍ରଭା ବେହେରାଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ତାଙ୍କୁ ଏଠାରୁ ଭାରମୁକ୍ତ କରିଦିଆଯାଇଛି। କ୍ଷଣପ୍ରଭାଙ୍କ ସ୍ଥାନରେ ଲିପିକା ଯୋଗଦେଇଛନ୍ତି। ସରପଞ୍ଚ ଶ୍ରୀମତୀ ରାଉତ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ କୁମାର ଜେନା ନୂତନ ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କୁ ପଞ୍ଚାୟତର କାର୍ଯ୍ୟ ସଠିକ ସମୟରେ କରିବା ଓ ପଞ୍ଚାୟତକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ।

# ଧର୍ମଶାଳା ଖବରକାଗଜ ବିତରକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା



ଧର୍ମଶାଳା (ପିଏନ୍): ଖବରକାଗଜ ହକରମାନଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଥିବାରୁ ଧର୍ମଶାଳା ଖବରକାଗଜ ବିତରକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜାରକା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ସଂଘ ସଭାପତି ପ୍ରମୋଦ କୁମାର ରାଉତ, ଉପସଭାପତି ରାମଚନ୍ଦ୍ର ମହାନ୍ତି, ସଂପାଦକ ହରିନାରାୟଣ ଦାସ, ସହସଂପାଦକ ଧୀରେନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ତରୁଣ କୁମାର ବେହେରା, ବିତରକ ଦେବପ୍ରସାଦ ରାୟ, ମଦନ ମୋହନ ମଲିକ, ପରମେଶ୍ୱର ଜେନା, ଧିରେନ୍ଦ୍ର ମହାନ୍ତି, କାହ୍ନୁଚରଣ ରଣା, ଅମୂଲ୍ୟ ମଲିକ, ବିମ୍ବାଧର ସାମଲ, ଗଜପତି ପ୍ରସାଦ ମହାପାତ୍ର, ଉମାଶଙ୍କର ମଲିକ ଓ ପୁରସ୍ତମ ସେଠୀ ଯୋଗଦେଇ ହକରମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ବିଭିନ୍ନ କାରଣ ପାଇଁ ବାଦ୍ ପଡିଥିବା ଅନ୍ୟ ବିତରକମାନେ କିପରି ଏହି ସରକାରୀ ସହାୟତା ପାଇପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପରେ ବିତରକମାନେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ସାକ୍ଷାତ୍ କରି ସଂଘ କାର୍ଯ୍ୟାଳୟ ପାଇଁ ଜାରକା ଠାରେ ଏକ ସରକାରୀ କୋଠରୀ ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜାନୁଆରୀ ୧୧

# ଗୃହବନ୍ଦୀ ସାଙ୍ଗକୁ ମୂଲ୍ୟବୃଦ୍ଧି



ବିଚିତ୍ର ଏ ସୃଷ୍ଟି ଏବଂ ସ୍ରଷ୍ଟାର ବିଚିତ୍ର ଏ ସୃଷ୍ଟିରେ ସବୁଠାରୁ ବିଚିତ୍ର ହେଉଛି ମନୁଷ୍ୟର ମନ। ସର୍ପର ମୁଖଗହ୍ୱର ମଧ୍ୟରେ ମଣ୍ଡୁକ ଅର୍ଦ୍ଧଭୁକ୍ତ ଅବସ୍ଥାରେ ଥାଇ, ଜୀବନ ପ୍ରଦୀପ ନିର୍ବାପିତ ହେବାକୁ ଯାଉଛି ଅନୁଭବ କରି ମଧ୍ୟ, ସମ୍ମୁଖରେ ଉଡିଯାଉଥିବା ପତଙ୍ଗ ଉପରକୁ ଲମ୍ଫ ପ୍ରଦାନ କରିବା ପରି, ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା, ମନୁଷ୍ୟର ମଧ୍ୟ ସମାବସ୍ଥା। କରୋନାର ଭୟଙ୍କର ଦ୍ୱିତୀୟ ଲହର ପରେ ଅତି ଭୟଙ୍କର ତୃତୀୟ ଲହର ଆସିବାର ପ୍ରାରମ୍ଭ, ଆବାଳବୃଦ୍ଧବନିତାଙ୍କ ମନରେ ଭରି ଦେଇଛି ମୃତ୍ୟୁର କରାଳ ଛାୟା। ତଥାପି କେତେକଙ୍କର ଏଯାବତ୍ ଚେତନା ଜାଗ୍ରତ ହୋଇନାହିଁ। ସାଧାରଣତଃ ମନୁଷ୍ୟ ବିପଦ ବା ଅସୁବିଧାରେ ପଡିଗଲେ, ତା'ର କ୍ରୁରତା ଓ ଦୁର୍ଗୁଣ ଅନେକାଂଶରେ ପ୍ରଶମିତ ହୋଇଯାଇଥାଏ। କିନ୍ତୁ ଅଦ୍ଭୁତ କଥା, ପିମ୍ପୁଡି ମନ୍ଦାରେ ପାଣି ଢାଳିଦେଲେ, ସେମାନଙ୍କର ଅବସ୍ଥା ଯାହା ହୋଇଥାଏ, କରୋନାର ଭୟଙ୍କର ସ୍ଥିତିରେ, ମନୁଷ୍ୟର ଅବସ୍ଥା ଠିକ୍ ସେୟା ହୋଇଥିଲେ ମଧ୍ୟ, ପ୍ରକୃତିରେ ପରିବର୍ତ୍ତନ ଆସୁନାହିଁ। ବିପର୍ଯ୍ୟସ୍ତ ଅର୍ଥନୈତିକ ଅବସ୍ଥା। ଶ୍ରମିକଠାରୁ ଶିଳ୍ପପତି ପର୍ଯ୍ୟନ୍ତ, ଭିକ୍ଷୁକ ଠାରୁ କୋଟିପତି ପର୍ଯ୍ୟନ୍ତ ସମସ୍ତେ କ୍ଷତିଗ୍ରସ୍ତ। ରୋଜଗାର ହ୍ରାସ ଯୋଗୁଁ, ସମସ୍ତଙ୍କର କ୍ରୟ କ୍ଷମତା ହ୍ରାସ ପାଇଅଛି। ଗୃଧ୍ର, ମୃତପ୍ରାଣୀମାନଙ୍କର ମାଂସ ଭକ୍ଷଣ କରିବା ପରି, ତାଲା ବନ୍ଦ, ଗୃହବନ୍ଦୀର ସୁଯୋଗ ନେଇ କେତେକ ଅସାଧୁ, ଲାଭଖୋର ବ୍ୟବସାୟୀ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି କରି, ଅସହାୟ ଜୀବନ୍ତ ମନୁଷ୍ୟମାନଙ୍କର ମାଂସକୁ ନିର୍ଦ୍ୱନ୍ଦ୍ୱରେ ଭକ୍ଷଣ କରିଚାଲିଛନ୍ତି। ମାନବିକତା ଲୋପ ପାଇଯାଇଛି। ଦରଦାମ ନିୟନ୍ତ୍ରଣରେ ସରକାରୀକଳ ବିଫଳ। ଏପଟେ ଲକ୍ ଡାଉନ ଫଳରେ, ସତେ ଯେପରି ଆଉ କିଛି ମିଳିବନି ଏବଂ



ଏଇ କେତେଦିନ ଭିତରେ ଖାଦ୍ୟ ବିନା ଆମେ ଜୀବନଧାରଣ କରିପାରିବୁ ନାହିଁ ପରି ଭ୍ରାନ୍ତ ଚିନ୍ତାରେ, ହଜାର ହଜାର ଲୋକ ବଜାରରେ ଏକତ୍ରିତ। ଲୋକମାନଙ୍କର ଏହି ବ୍ୟାକୁଳତାକୁ ଲକ୍ଷ୍ୟ କରି, ଅସାଧୁ ବ୍ୟବସାୟୀମାନେ ଚଳଚଂଚଳ, ସେମାନଙ୍କର ଗୋଟି ଚଳାଇବା ପାଇଁ। ସୁବର୍ଣ୍ଣ ସୁଯୋଗର ସଦ୍‌ବ୍ୟବହାର କରି, ଅପର୍ଯ୍ୟାପ୍ତ ଅର୍ଥ ଠୁଳ କରିଦେବାରେ ବ୍ୟାକୁଳତା ସମ୍ମୁଖରେ, ବିବେକ ଓ ମାନବିକତା ଅସହାୟ। ଅନ୍ୟାୟୋପାର୍ଜିତ ଅର୍ଥକୁ ଉପଭୋଗ କରିବା ପୂର୍ବରୁ, କରୋନାର ସର୍ବଗ୍ରାସୀ ପଞ୍ଝାରେ କବଳିତ ହୋଇ ନ ଥିବା ମଧ୍ୟ ସନ୍ଦିହାନ। ମାୟା ସଂସାରରେ କେହି ନିଜର ନୁହନ୍ତି, ତାହା କରୋନା ପ୍ରମାଣିତ କରିଦେଇଛି। ସ୍ୱାମୀର ଶବକୁ ସ୍ତ୍ରୀ, ପୁତ୍ରର ଶବକୁ ପିତା ମଧ୍ୟ ସ୍ପର୍ଶ କରିବାକୁ କୁଣ୍ଠିତ। ତାହାହେଲେ କ'ଣ ପାଇଁ? କ'ଣ ପାଇଁ ଏ ଧନାର୍ଜନର ଦୁର୍ବାର ଆକାଂକ୍ଷା! ବିବେକକୁ ଜଳାଞ୍ଜଳି ଦେଇ, ଏ ବିପଦଗ୍ରସ୍ତ ମନୁଷ୍ୟର ଅସହାୟତାର ସୁଯୋଗରେ ଅର୍ଥ ଉପାର୍ଜନ କରିବା କେତେଦୂର ଯୁକ୍ତିଯୁକ୍ତ? ଜନସାଧାରଣଙ୍କ ଜୀବନ ଉପରେ ପରୋକ୍ଷ ପ୍ରଭାବ ପକାଉଥିବା, ପରିବହନ ଇନ୍ଧନ, ଯଥା-ପେଟ୍ରୋଲ, ଡିଜେଲ, ଏବଂ ପ୍ରତ୍ୟକ୍ଷ ପ୍ରଭାବ ପକାଉଥିବା ଅତ୍ୟାବଶକୀୟ ଖାଦ୍ୟଦ୍ରବ୍ୟ ଯଥା-ଖାଇବା ତେଲ, ଡାଲି, ଅଟା, ଆଳୁ ପିଆଜର ଅହେତୁକ ମୂଲ୍ୟବୃଦ୍ଧି ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଉଛି।



ଲକ୍‌ଡାଉନ୍ ଯୋଗୁଁ, କଳକାରଖାନା ବନ୍ଦ ରହୁଥିବାରୁ, ସେଥିରେ କାର୍ଯ୍ୟରତ କର୍ମଚାରୀମାନେ ଦରମା ପାଇବାରୁ ବଂଚିତ ହେଉଛନ୍ତି। ଏପଟେ ରୋଜଗାର ବନ୍ଦକୁ, ସେପଟେ ମୂଲ୍ୟବୃଦ୍ଧି ଯେଉଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି, ତାହା ଅକଳ୍ପନୀୟ। ଏହି ପରିପ୍ରେକ୍ଷୀରେ ସରକାର, କୋଭିଡ ପରିସ୍ଥିତି ନିୟନ୍ତ୍ରଣ ସହିତ, ଅତ୍ୟାବଶକୀୟ ସାମଗ୍ରୀର ଦରଦାମ୍ ନିୟନ୍ତ୍ରଣ କ୍ଷେତ୍ରରେ ବଳିଷ୍ଠ ପଦକ୍ଷେପ ନେବାର ଜରୁରୀ ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ। ସାଧାରଣ ଲୋକମାନେ ମଧ୍ୟ, ସାଂପ୍ରତିକ ପରିସ୍ଥିତିକୁ ଅନୁଭବ କରି, ନିଜର ଆବଶ୍ୟକତାକୁ ସଙ୍କୁଚିତ କରାଇ, ସୀମିତ ସମ୍ବଳର ଉପଯୋଗ ଦ୍ୱାରା ଶୃଙ୍ଖଳିତ ଜୀବନ ଅତିବାହିତରେ, ଅଭ୍ୟସ୍ତ ହେବା ଉଚିତ୍। ଆଜି ବିପଦ ଆସିଛି, କାଲି ନିଶ୍ଚୟ ଚାଲିଯିବ। ପ୍ରାକୃତିକ ବିପର୍ଯ୍ୟୟ ଉପରେ କାହାରି ନିୟନ୍ତ୍ରଣ ନାହିଁ। ତେଣୁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି, ଧୈର୍ଯ୍ୟର ସହିତ, ଆଶାବାଦୀ ହୋଇ, ସଂଯମତା ଓ ଶୃଙ୍ଖଳତା ଆଚରଣପୂର୍ବକ, ଏ ଘୋର ବିପଦର ମୁକାବିଲା କରିବା। ବିକଶିତ ରାଷ୍ଟ୍ର ଯେଉଁମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା, ଆମ ଦେଶଠାରୁ, ତୁଳନାତ୍ମକ ଭାବରେ ବହୁତ ଅଧିକ ଉନ୍ନତ, ସେମାନେ ମଧ୍ୟ ମହାମାରୀ ମୁକାବିଲା ନିମନ୍ତେ ଅସଫଳ ଏବଂ ସେମାନଙ୍କର ମୃତ୍ୟୁହାର ଆମ ଦେଶଠାରୁ ଯଥେଷ୍ଟ ଅଧିକ। କେବଳ ସାମାଜିକ ଦୂରତ୍ୱ, ସଙ୍ଗରୋଧ, ମାସ୍କ ପରିଧାନ ହିଁ, ମହାମାରୀକୁ ରୋକିବାର ଏକମାତ୍ର ବିକଳ୍ପ।

**ପ୍ରଦୀପ୍ତ ଆଚାର୍ଯ୍ୟ**, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଇଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

## ଆଜିର ଅନୁଚିନ୍ତା

**ନିଜେ ନିଜ ସ୍ୱରୂପରେ ରହି ଆନନ୍ଦ ପାଇବା ପାଇଁ ପ୍ରୟାସ କର।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କରୋନା ପରିପ୍ରେକ୍ଷୀରେ ବିକଳ୍ପ ଓ ନବସୃଜନ ଶିକ୍ଷା ସନ୍ଧାନରେ (୧)

**••••••••••••••ଲୋକନାଥ ପଣ୍ଡା••••••••••••••**



କରୋନା ମହାମାରିର ପ୍ରଥମ, ଦ୍ୱିତୀୟ ଲହର ପରେ ତୃତୀୟ ଲହର ମଧ୍ୟ ଆରମ୍ଭ ହୋଇଯାଇଛି! ଶିକ୍ଷାୟତନ ସବୁ ଖୋଲୁ ଖୋଲୁ ବନ୍ଦ ହୋଇଗଲାଣି। ଗ୍ରାମାଞ୍ଚଳରେ ଥିବା ଶିଶୁମାନଙ୍କ ପାଠପଢ଼ାକୁ ନେଇ ପିତାମାତା ଚିନ୍ତିତ ହୋଇପଡ଼ିଛନ୍ତି! ସରକାରଙ୍କ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାକୁ ବର୍ତ୍ତମାନ ଶ୍ରେଣୀଗୃହରେ ପାଠପଢ଼ା ବନ୍ଦ ହୋଇଯାଇଛି। ଗ୍ରାମାଞ୍ଚଳରେ କେତେକ ଅଂଚଳରେ ଟିଉସନ ଭଳି କେତେକ ନିଷ୍ଠାପର ଶିକ୍ଷକ ଶିକ୍ଷାଦାନ କରୁଛନ୍ତି କିମ୍ବା ଶିଶୁମାନଙ୍କୁ ପରାମର୍ଶ ଦେଉଛନ୍ତି, ଯାହାକି କାଁ ଭାଁ ଦେଖାଯାଉଛି। ଆଦିମ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ଟିଉସନଟିଏ ମିଳିବା କଷ୍ଟକର। ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ତ୍ତମାନ ପରିପ୍ରେକ୍ଷୀରେ କେବଳ ପିତାମାତା ନୁହନ୍ତି, ଶିଶୁମାନେ ମଧ୍ୟ ପାଠ ପ୍ରତି ବିଶେଷ ଆଗ୍ରହ ଦେଖାଉଛନ୍ତି। ଅଙ୍ଗନବାଡ଼ି ହେଉ କିମ୍ବା ପ୍ରାଥମିକ ସ୍କୁଲ ହେଉ, ଯେଉଁଠି ହେଲେ ମଧ୍ୟ ଶିକ୍ଷାଦାନରେ ଶିଶୁମାନେ ଆଗଭର ସହିତ ସାମିଲ ହେଉଛନ୍ତି।

ଗତ ଦୁଇବର୍ଷ ମଧ୍ୟରେ ଆନୁଷ୍ଠାନିକ ପାଠପଢ଼ା ଊଣାଅଧିକେ ବନ୍ଦ ହୋଇଯାଇଛି। ଗତ ନଭେମ୍ବର ମାସରେ ଉଚ୍ଚତର ଶ୍ରେଣୀଗୁଡ଼ିକ ଖୋଲିବା ପରେ ପୁଣି ବନ୍ଦ ହୋଇଯାଇଛି। ଶିକ୍ଷା ମନ୍ତ୍ରଣାଳୟ, ଏନ୍.ସି.ଇ.ଆର୍.ଟି, ରାଜ୍ୟରେ ଏସ୍.ସି.ଇ.ଆର୍.ଟି, ଶିକ୍ଷା ସମ୍ବନ୍ଧୀୟ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ପ୍ରମୁଖ କରୋନା ପରିପ୍ରେକ୍ଷୀରେ କିପରି ପିଲାମାନଙ୍କ ବିକଳ୍ପ ମାଧ୍ୟମରେ ଶିକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ ପ୍ରୟାସ ଜାରି ରଖିଛନ୍ତି। ଅନେକ ପ୍ରକାର ଅନ୍-ଲାଇନ୍ ଶିକ୍ଷା କାର୍ଯ୍ୟକ୍ରମ ହେଉ, ଅଡ଼ିଓ-ଭିଡ଼ିଓ ମାଧ୍ୟମରେ କାର୍ଯ୍ୟକ୍ରମ ହେଉ, ତଥା ବିଭିନ୍ନ ପ୍ରକାର ବିକଳ୍ପ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁର ଶିକ୍ଷଣ ସ୍ତର କିପରି ବୃଦ୍ଧ ହେବ, ଶିଶୁଟି ଯେପରି ମାନସିକ ଅବସାଦରେ ନ ରହିବ, ସେଥିପ୍ରତି ପ୍ରୟାସ ଜାରି ରଖିଛନ୍ତି। ବିଭିନ୍ନ ଶିକ୍ଷା ସଂଗଠନ ତରଫରୁ ଶିଶୁମାନେ କିପରି ମାନସିକ ଅବସାଦଗ୍ରସ୍ତ ନହେବେ, ଶିକ୍ଷା ନଭୁଲିବେ, ସେଥିପାଇଁ ଅନେକ ପ୍ରକାର ଭିଡ଼ିଓ, ଟି.ଭି. କାର୍ଯ୍ୟକ୍ରମ ଆଦି କରୁଛନ୍ତି। ଏହିସବୁ କ୍ଷେତ୍ରରେ ସହରାଞ୍ଚଳ ଶିଶୁମାନେ କେତେମାତ୍ରାରେ ଏହାର ଉପକାରିତା ପାଇଲେ ମଧ୍ୟ ଗ୍ରାମାଞ୍ଚଳର ଶିଶୁମାନଙ୍କ ଉପର ଏହାର ଫଳାଫଳ ମିଳିବାରେ କଠିନ ସମସ୍ୟା ଦେଖାଦେଉଛି।

ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲାର ବିଷମକଟକ ଓ ମୁନିଗୁଡ଼ା ବ୍ଲକରେ ଅପହଂଚ ଅଂଚଳରେ ବିକଳ୍ପ ଭାବରେ ପ୍ରାଥମିକ ଶିକ୍ଷା ଯୋଗାଇବା ପାଇଁ ୟୁନିସେଫ, ଶିକ୍ଷାସନ୍ଧାନ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ବିଭାଗ ପ୍ରମୁଖ ମିଳିତ ଭାବରେ ଆଦିମ ଜନଜାତି ବହୁଳ ତଥା ଅପହଂଚ ଅଞ୍ଚଳରେ ଭ୍ରାମ୍ୟମାଣ ସ୍କୁଲ ସଂଯୋଗ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ପରିପେକ୍ଷୀରେ ସ୍ଥାନୀୟ ପାଠୁଆ ଯୁବକ ଓ ଯୁବତୀଙ୍କୁ ଏହି ଅଂଚଳରେ ଶିକ୍ଷାଦାନ ଦେବା ନିମନ୍ତେ ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ଜଣକ ଗୋଷ୍ଠୀ ଓ ଶିଶୁଙ୍କ ଉପଲବ୍ଧିକୁ ଧରି ସକାଳେ କିମ୍ବା ସନ୍ଧ୍ୟାରେ ଦୁଇଘଣ୍ଟା ଶିକ୍ଷାଦାନ କରିବେ। ଶିକ୍ଷାଦାନ କେବଳ ପାଠକେନ୍ଦ୍ରିକ ହେବନାହିଁ, କିମ୍ବା ପାଠ୍ୟପୁସ୍ତକରେ ସୀମିତ ରହିବ ନାହିଁ। ବିକଳ୍ପ ଶିକ୍ଷାଦାନ ଭାବରେ ବିଭିନ୍ନ ପ୍ରକାର ପୁସ୍ତକ ତଥା ଗଳ୍ପ, ଲୋକକଥା, ଲୋକଗୀତ, ତଥା ଶିଶୁମାନଙ୍କୁ ଆଗ୍ରହ ସୃଷ୍ଟି କଲା ପରି ଖେଳସାମଗ୍ରୀ ଏବଂ ଶିଶୁ ଶ୍ରେଣୀରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିପାରୁଥିବା ଶିଶୁମାନଙ୍କ ନିମନ୍ତେ ପୁସ୍ତକ ଉପଲବ୍ଧ ହେବା ସହିତ କିଛି ଖେଳ ସାମଗ୍ରୀ ରହିଛି। ସ୍ୱେଚ୍ଛାସେବୀ ଜଣକ ସ୍ଥାନୀୟ ଭାଷାରେ ଶିଶୁମାନଙ୍କୁ ଆକୃଷ୍ଟ କଲା ଭଳି ଶିକ୍ଷାଦାନ କରିବେ।





ଏହି ପରିପ୍ରେକ୍ଷୀରେ ଆଦିମ ଜନଜାତି ବହୁଳ ଡଙ୍ଗରିଆ କନ୍ଧ ଅଂଚଳର କେତୋଟି ଭ୍ରାମ୍ୟମାଣ କେନ୍ଦ୍ର ଦେଖିବାକୁ ସୁଯୋଗ ମିଳିଥିଲା। ବିଷମକଟକ ବ୍ଲକର କୁର୍ଲି ପଂଚାୟତର ଡଙ୍ଗରିଆ କନ୍ଧ ଗ୍ରାମ ପାତଲମ୍ବା। ଗାଁରେ ୨୦ଟି ଘର। ଗ୍ରାମରେ ସ୍କୁଲ ଘର ନାହିଁ। ଗ୍ରାମର ଶିଶୁମାନେ ଖମ୍ୱେସିଂ କିମ୍ବା ଚାଟିକଣାରେ ପଢୁଛନ୍ତି। ଯିବାଦିନ ଗାଁ ଦାଣ୍ଡରେ ଚାରି ବର୍ଷରୁ ଆଠ ନଅ ବର୍ଷ ପର୍ଯ୍ୟନ୍ତ ପ୍ରାୟତଃ କୋଡିଏ ଶିଶୁ ଗାଁ ଦାଣ୍ଡରେ ଗୋଲେଇ ହୋଇ ବସିଥିଲେ। ସ୍ୱେଚ୍ଛାସେବୀ ଯାହା କହୁଥିଲେ, ତାହାକୁ ମନଧ୍ୟାନ ଦେଇ ଶୁଣୁଥିଲେ। ଯାହାକୁ ଅଭ୍ୟାସ କିମ୍ବା ସ୍ୱର ଧରିବାକୁ କହୁଥିଲେ, ତାହା କରୁଥିଲେ। ସଂଖ୍ୟା ଅଭ୍ୟାସ କରୁଥିଲେ। ଅକ୍ଷର ଉଚ୍ଚାରଣ କରୁଥିଲେ। ଶିଶୁମାନେ ଏକାଗ୍ର ଚିତ୍ତରେ ଏକ ଲୟରେ ସ୍ୱେଚ୍ଛାସେବୀଙ୍କ କଥାକୁ ମାନୁଥିଲେ। ନିକଟରେ ଗ୍ରାମର କିଛି ଡଙ୍ଗରିଆ ମାଆମାନେ ବସି ନିଜର ପିଲାମାନଙ୍କର ପାଠପଢ଼ାକୁ ଉପଭୋଗ କରୁଥିଲେ। ସ୍ୱେଚ୍ଛାସେବୀ ନିଜ ଭାଷାରେ ଶିଶୁଙ୍କ ସହ କଥା ହେଉଥିଲେ। ଶିଶୁମାନଙ୍କୁ ଶିକ୍ଷାଦାନରେ ସୁଶ୍ରୀ ଫୁଲୁକି ଓ୍ୱାଡ଼ାକା ଏବଂ ସୁଶ୍ରୀ ସଜନ୍ନି ଓ୍ୱାଡ଼ାକା ସଂଯୋଜନା କରୁଥିଲେ। ଦୁଇଜଣ ଯୁବତୀ ଉଚ୍ଚଶିକ୍ଷିତ ଏବଂ ଡଙ୍ଗରିଆ କନ୍ଧ ସଂପ୍ରଦାୟର। ସେମାନଙ୍କ ସହ ଶିଶୁମାନେ ଅତି ଅତରଙ୍ଗରେ କଥାବାର୍ତ୍ତା ହେବା ସହିତ ସେମାନେ ଯାହା କହୁଥିଲେ, ତାହାକୁ ଶିଶୁମାନେ ମାନୁଥିଲେ। ଗ୍ରାମର ମାଣ୍ଡି ସିକାକାଙ୍କ ସମେତ କିଛି ଗ୍ରାମବାସୀଙ୍କ ସହ ଭ୍ରାମ୍ୟମାଣ ଶିକ୍ଷାକେନ୍ଦ୍ର ସମ୍ପର୍କରେ ଆଲୋଚନା କରୁଥିଲି। ସେମାନଙ୍କର ମତ ଥିଲା, ସ୍ୱେଚ୍ଛାସେବୀମାନେ ଯଦି ନିୟମିତ ଆସିଲେ ଆମ ଶିଶୁମାନେ ବେଶ୍ ଭଲଭାବରେ ଶିଖନ୍ତେ।

ସେହିଭଳି ଡଙ୍ଗରିଆ କନ୍ଧ ଗ୍ରାମ ରଡ଼ାଙ୍ଗ ଗ୍ରାମକୁ ଯାଇଥିଲି। ସେଠାରେ ସ୍ଥାନୀୟ ଯୁବକ ଖଜୁରୀ ଗ୍ରାମର ଯୁବକ ଶିକ୍ଷାଦାନ କରୁଥିଲେ। ରଡାଙ୍ଗ ଗ୍ରାମକୁ ଗଲାବେଳେ ପ୍ରାୟତଃ ୧୨ରୁ ୧୪ଟି ଶିଶୁ ସ୍ଥାନୀୟ ଗୋଷ୍ଠୀ କେନ୍ଦ୍ରର ବାରଣ୍ଡାରେ ବସି ପଢୁଥିଲେ। ସମସ୍ତଙ୍କର ମନରେ ବେଶ୍ ଉତ୍ସାହ ଭରି ଥିଲା। ସେମାନଙ୍କୁ ନିଜର ନାମ ଏବଂ ଶ୍ରେଣୀ ପଚାରିବା ବେଳେ ବେଶ୍ ପ୍ରଫୁଲ୍ଲ ମନରେ ନିଜ ନିଜର ଉତ୍ତର ଦେଉଥିଲେ। କେତେକ ଗପ ବହି ଓଲଟାଉଥିଲେ, କେତେକ ଗଣିତ ବହି ଦେଖୁଥିଲେ।

ଶିଶୁମାନେ ଅଙ୍ଗନବାଡ଼ି ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିଲେ। ପିଲାମାନଙ୍କୁ ବିଭିନ୍ନ ରକମର ପୁସ୍ତକ ଦେଖିବା ପାଇଁ ଦିଆଯାଇଥିଲା। ଯିଏ ପାରୁଥିଲା, ସେ ଅକ୍ଷର ଲେଖୁଥିଲା। କିଏ ଗଣିତ କରୁଥିଲା। କିନ୍ତୁ ପିଲାମାନେ ନିଜ ନିଜର ପାଠପଢ଼ାକୁ ଖୁସିରେ କରୁଥିବାର ଅନୁଭୂତ ହେଉଥିଲା। କୌଣସି ଶିଶୁ ଦେଢ଼ଘଣ୍ଟା ବିତିଗଲେ ମଧ୍ୟ ଯିବାର ନାମ ଧରୁନଥିଲେ।

ସ୍ୱେଚ୍ଛାସେବୀ ରିଣ୍ଟୁ ଓ୍ୱାଡ୍ରାକାଙ୍କ ସହ ଆଲୋଚନା କରୁଥିଲି। ଦୁଇରୁ ତିନିଦିନକୁ ଥରେ ରଡ଼ାଙ୍ଗ ଯାଉଛନ୍ତି। ରଡାଙ୍ଗ ଗ୍ରାମରେ ପାଠପଢ଼ା ସହିତ ନିଜ ଗ୍ରାମ ଖଜୁରୀ ସହ ଅନ୍ୟ ତିନୋଟି ଗ୍ରାମକୁ ମଧ୍ୟ ପାଳି କରି ଯାଇ ପାଠପଢ଼ାଉଛନ୍ତି। ସାଥିରେ ସାନିଟାଇଜର, ଦରି, ଶିକ୍ଷଣ ସାମଗ୍ରୀ ଆଦି ଗୋଟିଏ କିଟ୍ ଧରି ବାଇକ୍‌ରେ ଯାଉଛନ୍ତି। ଏହିଭଳି ରିଣ୍ଟୁ ଓ୍ୱାଡ୍ରାକା, ସଜନ୍ନ ଓ୍ୱାଡ୍ରାକା, ଫୁଲକି ଓ୍ୱାଡ୍ରାକା, ଏହିପରି ଚାରିଜଣ ସ୍ୱେଚ୍ଛାସେବୀ ବିଷମକଟକ ବ୍ଲକର ୨୭ଟି ଆଭ୍ୟନ୍ତରିଣ ଡଙ୍ଗରିଆ ଗ୍ରାମ ଓ ପଡ଼ାକୁ ନିୟମିତ ଭାବରେ ସକାଳେ ଏବଂ ଅପରାହ୍ନରେ ଯାଇ ସେଠାରେ ଶିଶୁମାନଙ୍କୁ ନେଇ ଶିକ୍ଷାସମ୍ବନ୍ଧୀୟ ବିଭିନ୍ନ ଗତିବିଧି ମାଧ୍ୟମରେ ବିକଳ୍ପ ଶିକ୍ଷା ଦେବା ପାଇଁ ପ୍ରୟାସ କରୁଛନ୍ତି।

ରଡ଼ାଙ୍ଗ ଗ୍ରାମର କିଛି ଗ୍ରାମବାସୀଙ୍କ ସହ ପିଲାଙ୍କ ପାଠପଢ଼ା ବିଷୟ ଆଲୋଚନା କରୁଥିଲି। ଗାଁରେ ସ୍କୁଲ ରହିଛି। ଗ୍ରାମବାସୀ କହୁଥିଲେ ନିୟମିତ ଗୋପୀ ମାଷ୍ଟର ଆସୁଛି, ପାଠ ପଢ଼ଉଛି। ନିଜର ଭାଷାରେ ମଧ୍ୟ ପାଠପଢ଼ାର ବ୍ୟବସ୍ଥା ରହିଛି। ଏହିପରି ଅନେକ କଥା ଆଲୋଚନା ପ୍ରସଙ୍ଗରେ ଆସୁଥିଲା। କିନ୍ତୁ ଗ୍ରାମବାସୀଙ୍କ ଅଭିମାନ ଥିଲା, ରିଣ୍ଟୁ ଓ୍ୱାଡ୍ରାକା ନିୟମିତ ସକାଳେ ଆସୁ। ଗୋଷ୍ଠୀ କେନ୍ଦ୍ରରେ ପାଠ ପଢ଼ାଉ। ପିଲାମାନେ ତା' ପାଖକୁ ଖୁସିରେ ପଢ଼ିବା ପାଇଁ ଯାଉଛନ୍ତି। ଆମ ପିଲାକୁ କୁଆଡ଼େ ନଛାଡ଼ି ଘରେ ରଖିଥିବୁ। ଏଥିରୁ ଜଣାପଡୁଥିଲା ଗ୍ରାମବାସୀ ଶିଶୁମାନଙ୍କର ପାଠପଢ଼ା ପ୍ରତି ଆଗ୍ରହ କେତେଦୂର ରହିଛି, ସ୍ପଷ୍ଟ ଅନୁଭୂତ ହେଉଥିଲା।

କଥା ହେଉଛି କରୋନା ମହାମାରୀ ପ୍ରଭାବରେ ସ୍କୁଲ ହଷ୍ଟେଲ ବନ୍ଦ ରହିଛି, ପ୍ରାଥମିକ ସ୍ତରରେ ଶିଶୁମାନଙ୍କ ନିମନ୍ତେ ଗାଁ ସ୍ତରରେ ପ୍ରାକ୍-ପ୍ରାଥମିକ ସ୍ତରରୁ ପ୍ରାଥମିକ ସ୍ତରର ଶିଶୁମାନଙ୍କ ନିମନ୍ତେ ଛୋଟ ଛୋଟ ଦଳରେ ସୃଜନାତ୍ମକ ଓ ବିକଳ୍ପ ଶିକ୍ଷା କାର୍ଯ୍ୟକ୍ରମ କରିବାର ପ୍ରୟାସ ଚାଲିବାର ଆବଶ୍ୟକତା ରହିଛି, ଏହାର ଅନୁଭୂତ ହେଉଥିଲା।

*-ରାଣୀଗୁଡ଼ା, ରାୟଗଡ଼ା -୭୬୫୦୦୧*
*ଦୂରଭାଷ: ୯୪୩୮୦୮୧୪୩୦*



# ଏକ ଦମନଶୀଳ ରାଷ୍ଟ୍ର ଗଠନର ମୂଳମନ୍ତ୍ର



ମଣିଷ ସମାଜରେ ଶାସକ ଶାସିତ ବ୍ୟବସ୍ଥା ପ୍ରଚଳନର ଅୟମାରମ୍ଭ ଏକ କ୍ରୁର ମାନସିକତାରୁ ଉଦ୍ଧୃତ ହୋଇ ବର୍ତ୍ତମାନର ପରିସ୍ଥିତି ବିଷୟ ବ୍ୟାଖ୍ୟା କରିବା ଆବଶ୍ୟକତା ନଥିବା ଅନୁଭବ ହୁଏ ଆମର। ମଣିଷର ଜନ୍ମଦାତ୍ରୀ ପ୍ରକୃତି କୌଣସି ଭେଦଭାବ ସୃଷ୍ଟିର ନିୟାମକ ମଧ୍ୟରେ ରଖିନଥିବା ବେଳେ ଅମାନୁଷିକ ଭାବଧାରା ହେତୁ ମଣିଷ ସମାଜରେ ବ୍ୟାପକ ଗୋଷ୍ଠୀ, ସାମ୍ପ୍ରଦାୟୀକ ମନୋଭାବ ସୃଷ୍ଟି କରିବାରେ କିଛି କ୍ରୁର ଚତୁରଙ୍କ ସ୍ଥାନ ଶୀର୍ଷରେ। ମଣିଷର କାର୍ଯ୍ୟକଳାପ ତଥା ଜନ୍ମଗତ ଚରିତ୍ର, ଆଚରଣଗୁଡିକୁ ଲକ୍ଷ୍ୟ କରି ପ୍ରଥମେ ଗୋଷ୍ଠୀଗତ ଏବଂ ତା'ପରେ ସାମ୍ପ୍ରଦାୟିକ ମନୋଭାବ, ଭେଦଭାବ ସୃଷ୍ଟି ହେଲା। ପରବର୍ତ୍ତୀ ସମୟରେ ସେହି ସାମ୍ପ୍ରଦାୟିକ ତଥା ଗୋଷ୍ଠୀ ମଧ୍ୟରେ କିଛି ଅନୈତିକ ବିଚାରଧାରାଜନିତ ବାହୁବଳୀ ମାନେ ସାଧାରଣ ନୀରିହଙ୍କ ଉପରେ ପ୍ରକୋପ ସାଧନ କରି ସେମାନଙ୍କୁ ଦମନ କରି ରଖିବା ପ୍ରୟାସ ଆରମ୍ଭ କଲେ! କାଳକ୍ରମେ ସେହି ଦମନଲୀଳାର ରୂପାନ୍ତରୀଣ ଫଳାଫଳ ସଦୃଶ୍ୟ ସେମାନଙ୍କୁ ଯୋର ଦେଖାଇ କିଛି ନିଜସ୍ୱ ସ୍ୱାର୍ଥ ହାସଲ କରିବା ଦିଗରେ ସେମାନେ କୃତକାର୍ଯ୍ୟ ହେଲେ। ପୁଣି ଧୀରେ ଧୀରେ ସେମାନଙ୍କ ଠାରୁ ଖଜଣା ଆଦାୟ କରି ନିଜର ପ୍ରାଚୁର୍ଯ୍ୟ ବୃଦ୍ଧି କରିବା ସାଙ୍ଗକୁ ପ୍ରଖର ଆକ୍ରମଣ ପୂର୍ବକ ଦମନଲୀଳା ଆରମ୍ଭ କରନ୍ତେ ପ୍ରାଚୀନ ମଣିଷ ସମାଜରେ ଆରମ୍ଭ ହେଲା ରାଜତନ୍ତ୍ର। ସାଧାରଣ ନୀରିହଙ୍କ ଉପରେ ବ୍ୟାପକ ପ୍ରକୋପ ନ୍ୟସ୍ତ କରି ସେମାନଙ୍କ ମଧ୍ୟରେ ରହିଥିବା ପ୍ରେମ ଭାବକୁ ଖଣ୍ଡ ବିଖଣ୍ଡିତ କରି ଗୋଷ୍ଠିଗତ, ସମ୍ପ୍ରଦାୟିକ ବିଚାରଧାରାକୁ ତୀବ୍ରତର କରି କ୍ରୁର ବାହୁବଳୀମାନେ ନିଜକୁ ରାଜା ରୂପରେ ସଜାଇ ଶାସନ କରିବାକୁ ଲାଗିଲେ ସମାଜରେ। ଇତିମଧ୍ୟରେ ସେମାନଙ୍କ ପିଢ଼ିକୁ ପିଢ଼ି ସେହି ରାଜଗାଦିରେ ବସି ଶାସନ ଭାର ତୁଲାଉଥିବା ବେଳେ କେଉଁ ସମୟରେ କିପରି ମନୋଭାବ ପରାୟଣ ରାଜା ସୃଷ୍ଟି ହୋଇ ସମାଜରେ କେତେ ଯେ ଭିନ୍ନ ଭିନ୍ନ ଚରିତ୍ର ପ୍ରବାହ କରିଥିବା କୁହେ ଆମ ଇତିହାସ।

ଏହିଭଳି ଶହ ଶହ ବର୍ଷ ଧରି ବିଭିନ୍ନ ରାଜାମାନଙ୍କ ଦ୍ୱାରା ଶାସିତ ହୋଇ ଆସୁଥିବା ସାଧାରଣ ନିରୀହ ମାନଙ୍କ ଏକପ୍ରକାର ଚାରିତ୍ରିକ ମାନ୍ୟତା ସୃଷ୍ଟି ହେଲା ଯେ ସେମାନେ ଶାସକ ଆଉ ଆମେ ଶାସିତ, ନିଷ୍ପେସିତ ହୋଇ ରହିବା ପ୍ରାବଧାନ ହୁଏତ ରଖିଛି ଜନ୍ମଦାତ୍ରୀ ଯାହା ସମସ୍ତେ ଗ୍ରହଣ କରିବାକୁ ବାଧ୍ୟ। ନହେଲେ ସାଧାରଣରୁ ଆରମ୍ଭ କରି ମୁଣ୍ଡ କାଟ ପର୍ଯ୍ୟନ୍ତ ଦଣ୍ଡ ବିଧାନକୁ ସ୍ୱୀକାର କରିବାକୁ ପଡିବ। ଏହିଭଳି ମାନସିକତା ମଣିଷ ମନରେ ସୃଷ୍ଟି ହୋଇ ତାହାର କିଂଚିତ ରୂପାନ୍ତରିତ ଭାବଧାରା ପ୍ରଚଳିତ ହେଉଥିବାବେଳେ ସେହି ଶାସକ, ଶାସିତଙ୍କ ସମ୍ପର୍କ ପ୍ରାୟତଃ ସମାନ ରହିଛି ଅଦ୍ୟାବଧି। ପୃଥିବୀପୃଷ୍ଠରେ ଏକ ଚତୁର ଗୋଷ୍ଠୀ, ବ୍ରିଟିଶମାନଙ୍କ ଦ୍ୱାରା ପ୍ରଚଳିତ ଏକ ନୂତନ ଶାସନ ବ୍ୟବସ୍ଥା ବିଶ୍ୱର ପ୍ରାୟତଃ ଅନେକ ଦେଶରେ ଦେଖିବାକୁ ମିଳିବ ଆଜି ସମୟରେ। ରାଜାମାନେ ନିଜ ନିଜ ରାଜ୍ୟ ସୀମାରେଖା ମଧ୍ୟରେ ଶାସନ କରୁଥିବା ବେଳେ ଏହି ବ୍ରିଟିଶ ଗଣତନ୍ତ୍ର ବ୍ୟବସ୍ଥା ପ୍ରତି ସାଧାରଣ ମଣିଷଙ୍କ ଆକୃଷ୍ଟଭାବ ଆଲୋଡିତ କରିବାରେ ସିଦ୍ଧହସ୍ତ ହୋଇଥିଲେ ସେମାନେ। ତେଣୁ ସେମାନେ ସେମାନଙ୍କ ଶାସନ ଚଳାଇ ପ୍ରାୟତଃ ବିଶ୍ୱବାସୀଙ୍କୁ ଏକ ରୂପାନ୍ତରିତ ଶାସନ ବ୍ୟବସ୍ଥା ଶିକ୍ଷା ଦେଇଥିଲେ ଯାହା ଅଦ୍ୟାବଧି ସାରା ବିଶ୍ୱରେ ପ୍ରଚଳିତ ହେଉଥିବା ସମସ୍ତେ ଜାଣନ୍ତି। କିନ୍ତୁ ସେମାନଙ୍କ ଦ୍ୱାରା ପ୍ରଚଳିତ ଗଣତନ୍ତ୍ର ବ୍ୟବସ୍ଥାଯେ କେବଳ କହିବାକୁ ଗଣତନ୍ତ୍ର କିନ୍ତୁ ପରୋକ୍ଷରେ ରାଜତନ୍ତ୍ରଠାରୁ ଯଥେଷ୍ଟ କଠୋର, ଏହି କଥା ଆଜି ପର୍ଯ୍ୟନ୍ତ କାହା ମନରେ ଜାଗରିତ ହେଉଥିବା ଦେଖାଯାଉନାହିଁ। ଏହା ପଛରେ ରହିଥିବା ରହସ୍ୟ ଅଦ୍ୟାବଧି ରହସ୍ୟମୟ ହୋଇ ରହିଛି ସମସ୍ତଙ୍କ ମନରେ। ଇତିମଧ୍ୟରେ କେତେକ କଠୋରପନ୍ଥୀ କ୍ରୁର ଶାସନକ୍ଷମ ମଣିଷ ସମଗ୍ର ବିଶ୍ୱକୁ ନିଜ ଅକ୍ତିଆରକୁ ଆଣି ଶାସନ କରିବା ଲକ୍ଷ୍ୟ ରଖି ସମାଜରେ ଅନେକ ବ୍ୟଭିଚାର କରିଥିବା ପ୍ରାୟତଃ ସମସ୍ତଙ୍କର କିଛି କିଛି ଐତିହାସିକ ଜ୍ଞାନ ରହିଛି। ସେମାନଙ୍କ ଦ୍ୱାରା ପ୍ରଚଳିତ କଠୋର ନୀତିଗୁଡିକୁ କାଳକ୍ରମେ ବ୍ରିଟିଶ ଶାସନ ବ୍ୟବସ୍ଥାରେ ମିଶାଇ ଏକ କଳୁଷିତ ଗଣତନ୍ତ୍ର ବ୍ୟବସ୍ଥା ଆରମ୍ଭ ହୋଇଥିଲା କୌଣସି ଗୋଟିଏ ସମୟରେ ଯାହା ଏପର୍ଯ୍ୟନ୍ତ ଅନେକ ଦେଶରେ ପ୍ରଚଳିତ ଅଛି। ସେମାନଙ୍କ ମଧ୍ୟରେ ଆମ ଦେଶ ଅନ୍ୟତମ ଯେଉଁଠାରେ ସେହି ବ୍ରିଟିଶ ସମ୍ବିଧାନର ରାଜତନ୍ତ୍ରିକ ଗଣତନ୍ତ୍ର ଅଦ୍ୟାବଧି ପ୍ରଚଳିତ ହେଉଛି ଯାହାକୁ ସାଧାରଣ ମଣିଷମାନେ ଗଣତନ୍ତ୍ର ନାମରେ ନାମିତ କରି କ୍ଷଣ ସୁଖ ଅନୁଭବ ପୂର୍ବକ ଅତ୍ୟନ୍ତ ଜଟିଳ ଜୀବନ ଯାପନ କରିବାରେ କୌଣସି ପ୍ରତିବାଦ ନାହିଁ କାହାର। ତେଣୁ ଏହି ବ୍ରିଟିଶ ରାଜତନ୍ତ୍ରିକ ଗଣତନ୍ତ୍ର ଶାସନରେ ଆମ ଦେଶର ଶାସକ ଶାସିତ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟରେ ଉପଯୁକ୍ତ ସମୀକ୍ଷା ନକରି ଗୋଷ୍ଠିଗତ ବିଚାରଧାରାଜନିତ ପରିଣତି ଯାହାସବୁ ପ୍ରତିଫଳିତ ହେଉଅଛି ସେଇଥିରେ ସମସ୍ତେ ସନ୍ତୁଷ୍ଟ ନଥିଲେ ମଧ ନିରୁପାୟ ଅବସ୍ଥାରେ। ଇତିମଧ୍ୟରେ ଆମ ଦେଶରେ ଅନେକ ଗୋଷ୍ଠୀଙ୍କ ଦ୍ୱାରା ଶାସିତ ଆମେ ସାଧାରଣ ଜନତା କେବଳ ସମୟସ୍ରୋତରେ ପରିଚାଳିତ କିଛି ଆଲୋଚନା, ଅନୁଭୂତି ମଧ୍ୟରେ ନିଜକୁ ସୀମିତ ରଖି କୌଣସି ବାସ୍ତବ ଜ୍ଞାନରହିତ ଜୀବନ ଆମର ଏକ ଭିନ୍ନ ରୁଚିରେ। ସମୟର କରାଳତାରେ ପ୍ରବାହିତ ଆମ ଶାସକ, ଶାସିତ ସମ୍ପର୍କ ବିଷୟରେ କୌଣସି ବିଶଦ୍ ଜ୍ଞାନ ଆହରଣ କରିବା କ୍ଷମତା, ବ୍ୟବସ୍ଥାରହିତ ଆମ ସମାଜର ସାଧାରଣ ଲୋକଙ୍କ ଜୀବନଶୈଳୀ ଏକ ଭିନ୍ନ ରକମର ଯାହା ପୃଥିବୀର ଅନ୍ୟାନ୍ୟ ଦେଶଗୁଡିକରେ ଦେଖାଯିବା ବିରଳ। ତେଣୁ ସମୟର ସୁଯୋଗ ନେଇ କେତେବେଳେ କେଉଁ ଶାସକ ଆମକୁ କିପରି ପରିଚାଳିତ କରିବେ ଏବଂ ତତ୍‌ଜନିତ ଆମର ଜୀବନ ଯାପନ ଶୈଳୀ କେଉଁ ପଥରେ ଅତିକ୍ରମ କରିବ ତାହାର କୌଣସି ସଂଜ୍ଞାବିହୀନ ପଥିକ ଆମେ ଆମ ଜୀବନ ଯାତ୍ରାର। କି ବିଚିତ୍ର ଆମ ଦେଶ ଭାରତ ଯେଉଁଠି ଲୋକଙ୍କ ଅସଂଖ୍ୟ ଭେଦଭାବ ମଧ୍ୟରେ ଏକତା ଜାଗ୍ରତ କରାଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଶାସକ ଗୋଷ୍ଠୀ ଶାସନ କରନ୍ତି ଆମକୁ!! ଏବଂ ଏହିସବୁ ବିଭିନ୍ନତା କାରଣରୁ ଅନେକ ସମୟରେ ବିଭିନ୍ନ ଶାସକ ଦଳ କେମିତି ଦମନଲୀଳା ଚଳାଇ ଶାସନ କରିଥା'ନ୍ତି ଆମ ଦେଶରେ ବିଚାର କରି ଦେଖିଲେ ଜାଣିହୁଏ...

ବିଭିନ୍ନ ସମୟରେ ଶାସନ କ୍ଷମତାରେ ରହି ଆସୁଥିବା ଶାସକ ଦଳ ସାଧାରଣ ଲୋକଙ୍କୁ ଦମନ କରି ନିଜର କ୍ରୁର ଉଦ୍ଦେଶ୍ୟକୁ ହାସଲ କରିବାରେ ସମର୍ଥ କରାଇଥାଏ ଆମ ଦେଶରେ ପ୍ରଚଳିତ ବ୍ରିଟିଶ ଶାସନ ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ରହିଥିବା ସମ୍ବିଧାନ ଶାସକ ଦଳଙ୍କ ପାଇଁ କେବଳ ଗୋଟିଏ ଧାଡିରେ ସମାପ୍ତ ହେଉଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ହଜାର ହଜାର ନିୟାମକ ପ୍ରଦର୍ଶିତ କରିଥାଏ। ଅର୍ଥାତ ଏହି ସମ୍ବିଧାନରେ ଲିଖିତ ହଜାର ହଜାର ଆଇନକାନୁନ କେବଳ ସାଧାରଣ ଲୋକଙ୍କୁ ପ୍ରଦର୍ଶନ ପାଇଁ ରହିଥିବା ବେଳେ ଶାସକ ଦଳଙ୍କ ପାଇଁ ସମ୍ପୂର୍ଣ୍ଣ ସମ୍ବିଧାନ କେବଳ ଗୋଟିଏ ଧାଡିରେ ସମାପ୍ତ ହୋଇଥାଏ। ଏହା ବ୍ରିଟିଶ ଶାସନ ବ୍ୟବସ୍ଥାର ଏକ ଅଲୌକିକ ନିୟାମକ ସଂଯୋଜିତ ଗଣତାନ୍ତ୍ରିକ ସମ୍ବିଧାନ ଯାହା ସାଧାରଣ ଲୋକଙ୍କୁ ଆଦୌ ଅଂତରଣୀୟ ହୋଇ ନ ଥାଏ। ତେଣୁ କେବଳ ଏହିଭଳି ସାମ୍ବିଧାନିକ ଆଇନ ପ୍ରଣୟନ କରି ସେମାନେ ସମଗ୍ର ବିଶ୍ୱରେ ନିଜର ଶାସନ ପ୍ରଚଳନ କରିବାରେ ସକ୍ଷମ ହୋଇ ପାରିଥିଲେ। ସେହି ସାମ୍ବିଧାନିକ ଆଇନ ଅଦ୍ୟାବଧି ଆମ ଦେଶରେ ପ୍ରଚଳିତ ଥାଇ ଏକ ଦମନଶୀଳ ରାଷ୍ଟ୍ରରେ ଗଣତାନ୍ତ୍ରିକ ସମ୍ବିଧାନର ଭ୍ରାନ୍ତିକର ପରିଭାଷା ସାଧାରଣ ଲୋକଙ୍କ ଅଂତରଣୀୟ ହେଉନଥିଲେ ମଧ ଗୋଟିଏ ଗଣତନ୍ତ୍ର ରାଷ୍ଟ୍ରର ସୁରକ୍ଷିତ ନାଗରିକ ଭାବେ ନିଜକୁ ଅନୁଭବ କରି ଗର୍ବିତ ହେଉଥିବା ଭାରତୀୟଙ୍କ ପ୍ରସନ୍ନତାର ରୁଚି ଏକ ଭିନ୍ନ ରକମର ଦେଖିବାକୁ ମିଳେ! *(କ୍ରମଶଃ)*

**ପଙ୍କଜ କୁମାର ପାଣିଗ୍ରାହୀ**
*ସୋସିଆଲ ଫୋରମ (ଭାରତ),*
*ଛତ୍ରପୁର, ଗଞ୍ଜାମ, ଦୂରଭାଷ.:*
*୯୪୩୭୩୨୪୯୧୭*




# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ□ ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୂପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା□କ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି



ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

# ବୌଦ୍ଧ ଜିଲ୍ଲା ମଲିକୁଦଠାରେ କମଳ ଓ ଶାଢ଼ୀ ବଂଟନ ମେଳା










ଫୁଲବାଣୀ, (ପି.ଏନ): ବୌଦ୍ଧ ଜିଲ୍ଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦର ସଭାପତି ବଟକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଓ କଂଟାମାଳ ବ୍ଲକ ମଲିକୁଦ ଗ୍ରାମର ସମାଜସେବୀ ରାମ ଚନ୍ଦ୍ର ତାଣ୍ଡିଙ୍କ ନେତୃତ୍ୱରେ ମଲିକୁଦ ଠାରେ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ଓ ବିଧବା ମାଆ ମାନଙ୍କୁ ଶାଢ଼ୀ ବଂଟନ ମେଳା କରାଯାଇଥିଲା। ଉକ୍ତ ମେଳାରେ ଜାଗ୍ରତ କନ୍ଧମାଳ ଓଡିଶା ସାମାଜିକ ସଂଗଠନର ସାଧାରଣ ସମ୍ପାଦକ ଆଇନଜୀବୀ ତଥା ଜିଲ୍ଲା ପ୍ରେସ କ୍ଲବର ଉପସଭାପତି ସତ୍ୟନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସମାଜସେବୀ ସୋମନାଥ ବାଘ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବେହୋରା ବାବା ସାହେବ ଡ଼. ଭୀମରାଓ ଆମ୍ବେଦକରଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ଜଳନ କରିଥିଲେ। କଂଟାମାଳ ବ୍ଲକ ବରଗାଁ ପଂଚାୟତ ଅଂଚଳ ମଧ୍ୟରୁ ଆସିଥିବା ଅସହାୟ ବୃଦ୍ଧ ବୃଦ୍ଧା ୨୫୦ଜଣଙ୍କୁ କମଳ ଓ ୫୦ଜଣ ବିଧବା ମହିଳାଙ୍କୁ ଶାଢ଼ୀ ବଂଟନ କରାଗଲା । ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ରାମଚନ୍ଦ୍ର ତାଣ୍ଡି ଏହିପରି ଅସହାୟଙ୍କୁ ତାଙ୍କ ରୋଜଗାରରୁ ଅର୍ଥ ଖର୍ଚ୍ଚ କରି ସାହାର୍ଯ୍ୟ କରିଥିବାରୁ ଭୁୟସୀ ପ୍ରଂଶସା କରିବା ସହିତ ତାଙ୍କର ପିତା ମାତାଙ୍କୁ ପ୍ରଣାମ ଜଣାଇ ସଭାସ୍ଥଳରେ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ ଓ ଅଂଚଳରେ ଏପରି ଶିକ୍ଷା ଆଦର୍ଶକୁ ପ୍ରତ୍ୟେକ ପରିବାର ନିଶା ଓ ପେଷା କରିବାକୁ ଆହ୍ୱାନ ଦେଇଥିଲେ। ଅସହାୟ ମାନଙ୍କମଧ୍ୟରେ ଅନୁସୁଚିତ ଜନଜାତି, ଅନୁସୁଚିତ ଜାତି ପଛୁଆବର୍ଗଙ୍କୁ କମଳ ଓ ଶାଢ଼ୀ ବଂଟନରେ ଅଂଶ ଗ୍ରହଣ କରିଥିଲେ । ପାଣ ଗଣ୍ଡା ସମାଜର ସାଧାରଣ ସମ୍ପାଦକ ସୁଧାଂସୁ ସଭା ପରିଚାଳନା କରିଥିବାବେଳେ ସଂଗଠନ ସମ୍ପାଦକ ଦେବବ୍ରତ ଶାଗର ସହଯୋଗ କରିଥିଲେ । ଅନ୍ୟତମ ଅତିଥି ଭାବେ ପ୍ରଦ୍ୟୁମ୍ନ ଦାସ ଯୋଗ ଦେଇଥିଲେ ଓ ପରମେଶ୍ୱର ଛତ୍ରିୟା ଧନ୍ୟବାଦ ଅର୍ପଣ କରିଥଲେ।

# କୃଷି ବିଭାଗରେ ସରକାରୀ ଅର୍ଥ ବେନିୟମ ଖର୍ଚ୍ଚ

କେନ୍ଦୁଝର,(ପି.ଏନ): ଆନନ୍ଦପୁର କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟରେ ସରକାରୀ ଅର୍ଥ ନୀତିନିୟମ ବାହାରେ ଖର୍ଚ୍ଚ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏଠାରେ କାର୍ଯ୍ୟ କରୁଥିବା ୩ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ନିୟମିତ କର୍ମଚାରୀ ହୋଇନଥିଲେ ହେଁ ସେମାନଙ୍କୁ ଗସ୍ତ ଖର୍ଚ୍ଚ ବାବଦରେ ସରକାରୀ ତହବିଲରୁ ଅର୍ଥ ଦିଆଯାଇଛି। ଗତ ୩ ବର୍ଷରେ ଏ ବାବଦରେ ୮୪ ହଜାର ଟଙ୍କା ଦିଆଯାଇଛି। ଏପରିକି ଟୁର ଡାଏରୀକୁ ମଞ୍ଜୁର କରାଯାଇ ସରକାରୀ ତହବିଲରୁ ବେଆଇନ ଭାବେ ଗସ୍ତ ଖର୍ଚ୍ଚ ଦିଆଯାଇଛି। ଏ ସଂପର୍କରେ ଆନନ୍ଦପୁର କୃଷି ଜିଲ୍ଲା ଅଧିକାରୀ ରାମଚନ୍ଦ୍ର ଦାସଙ୍କ ସହ ଯୋଗାଯୋଗ କରିବାରୁ ୩ ଜଣ ଗ୍ରାମ୍ୟ କୃଷି ଅଧିକାରୀଙ୍କୁ ଗସ୍ତ ଖର୍ଚ୍ଚ ବେଆଇନ ଭାବେ ଦିଆଯାଇଛି। ଏ ନେଇ ସେ କୃଷି ନିର୍ଦ୍ଦେଶକଙ୍କୁ ଅବଗତ କରିଛନ୍ତି। ଠିକାରେ ଥିବା ଗ୍ରାମ୍ୟ କୃଷି କର୍ମଚାରୀ ଗସ୍ତ ଖର୍ଚ୍ଚ ପାଇବା ପାଇଁ ଯୋଗ୍ୟ ନୁହଁନ୍ତି। ତାଙ୍କୁ ଏହା ଦେବା ବେଆଇନ ବୋଲି ସେ କହିଛନ୍ତି।

# ବିପୁଳ ପରିମାଣର ଚୋରା ସ୍କ୍ରାପ ଜବତ ୨ ଗିରଫ

ଧର୍ମଶାଳା, ପିଏନ୍): ଯାଜପୁର ଏସପିଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ସ୍କ୍ୱାର୍ଡ ଧର୍ମଶାଳା ଥାନା ଦେଉଳି ଗ୍ରାମର ଏକ ଭଡା ଘରେ ଚଢାଉ କରି ବିପୁଳ ପରିମାଣର ସ୍କ୍ରାପ୍ ଓ ବିଭିନ୍ନ ଚୋରା ସାମଗ୍ରୀ ଜବତ କରିଛି। ଏଥିସହ ଚୋରା ସ୍କ୍ରାପ୍ ବେପାର କରୁଥିବା ଅଭିଯୋଗରେ ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ୧୬ନଂ ଜାତୀୟ ରାଜପଥ ଜାରକା ନିକଟ ଦେଉଳି ଗ୍ରାମର ଏକ ଭଡା ଘରେ ଯାଜପୁର ସଦର ଥାନା ଅଧିନ ସାମନ୍ତରାପୁର ଗ୍ରାମର ଦାମୋଦର ସାହୁ ଓ ଯାଜପୁରରୋଡ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ଗ୍ରାମର ମାନସ କୁମାର ପୃଷ୍ଟି ତମ୍ବା, ପିତଳ ଆଦି ସ୍କ୍ରାପ୍ ଦୀର୍ଘ ଦିନ ଧରି ବ୍ୟବସାୟ କରିଆସୁଥିଲେ। ଏମାନେ ବିଭିନ୍ନ ସ୍ଥାନରୁ ଏସବୁ ସାମଗ୍ରୀ ଚୋରାରେ ଆଣି ଏଠାରେ ଚଢା ଦରରେ ବିକ୍ରୟ କରୁଥିଲେ। ଏସଂପର୍କରେ ସୂଚନା ପାଇ ଯାଜପୁର ଏସପି ରାହୁଲ ପିଆର ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡକୁ ସେଠାରେ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱତନ୍ତ୍ର ସ୍କ୍ୱାର୍ଡ ଏବଂ ଧର୍ମଶାଳା ପୋଲିସ ମିଳିତ ଭାବେ ଏଠାରେ ଚଢାଉ କରି ୬୮୫କେଜି ତମ୍ବା, ୧୯୨କେଜି ପିତଳ, ୧୭୩ କେଜି ଆଲୁମିନିୟମ ସାମଗ୍ରୀକୁ ଜବତ କରିଥିଲେ। ଏନେଇ ଧର୍ମଶାଳା ପୋଲିସ ୧୨/୨୨ରେ ଏକ ମାମଲା ରୁଜୁ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୁକ୍ତ ଦ୍ୱୟକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

# ମହିଳାଙ୍କ ମୃତ୍ୟୁ ଘଟଣାରେ ସ୍ୱାମୀ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଉତରପ୍ରତାପ ଗ୍ରାମରେ ରବିବାର ଦିନ ଜଣେ ବିବାହିତ ମହିଳାଙ୍କୁ ତାର ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ତାର ମାଆ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବେଳେ ମହିଳାଙ୍କ ସ୍ୱାମୀ ସରୋଜ ସାହୁ (୩୭)କୁ ଗିରଫ କରିଥିଲା । ସୂଚନା ମୁତାବକ ଆଠ ବର୍ଷ ପୁର୍ବେ ଧର୍ମଶାଳା ଥାନା ଜଳେଶ୍ୱର ଗ୍ରାମର ଭାସ୍କର ସାହୁ ଓ ସବିତା ସାହୁଙ୍କ ଝିଅ ଲକ୍ଷ୍ମୀପ୍ରିୟାର ଏହି ଥାନା ଉତରପ୍ରତାପ ଗ୍ରାମର ମାଗୁଣି ସାହୁଙ୍କ ପୁଅ ସରୋଜ ସାହୁଙ୍କୁ ସହିତ ପ୍ରେମ ବିବାହ କରିଥିଲେ । ଗତ କିଛି ଦିନ ହେଲା ବାପଘରୁ ୧ ଲକ୍ଷ ଟଙ୍କା ଆଣିବାକୁ ସରୋଜ ତାର ପତ୍ନୀ ଉପରେ ଚାପ ପକାଇବା ସହ ମାରପିଟ କରୁଥିଲା । ହେଲେ ସୋମବାର ତାଙ୍କ ଝିଅର ଅସୁସ୍ଥ ହୋଇ ମେଡିକାଲରେ ଥିବା ବାପଘର ଲୋକେ ଖବର ପାଇ ମେଡିକାଲରେ ପହଁଚି ଦେଖନ୍ତିତ ତାଙ୍କର ଝିଅର ମୃତ୍ୟୁ ହୋଇଯାଇଥିଲା । ତେବେ ତାଙ୍କ ଝିଅକୁ ଶାଶୁ ଘର ଲୋକେ ଯୌତୁକ ପାଇଁ ଲକ୍ଷ୍ମୀପ୍ରିୟାକୁ ହତ୍ୟା କରିଥିବା ନେଇ ତାର ମାଆ ସବିତା ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ଅନ୍ୱେଷଣ ଥିଏଟର ପକ୍ଷରୁ ବରୁଣେଶ୍ୱର ମନ୍ଦିରରେ ବ୍ୟାପକ ସଫେଇ କାର୍ଯ୍ୟକ୍ରମ

ଯାଜପୁର ,(ପି.ଏନ): ଯାଜପୁର ଜିଲ୍ଲା ପ୍ରମୁଖ ଶୈବପୀଠ ବାବା ବରୁଣେଶ୍ୱର ଦେବଙ୍କ ପୀଠକୁ ଆଜି ଯାଜପୁରର ଅଗ୍ରଣୀ ସେଚ୍ଛାସେବୀ ଓ ଥିଏଟର ଅନୁଷ୍ଠାନ ଅନ୍ୱେଷଣ ପକ୍ଷରୁ ସଫେଇ କରାଯାଇଛି। ମନ୍ଦିର ଚତୁପାର୍ଶ୍ୱ ଅଞ୍ଚଳକୁ ଅନ୍ୱେଷଣର ସକ୍ରିୟ ସଦସ୍ୟ ସଦସ୍ୟା ମାନଙ୍କ ଦୃଢ଼ ମନବଳ ଓ ସାମାଜିକ କ□ବ୍ୟତା ଯୋଗୁ ଏହା ହିଁ ସମ୍ଭବ ବୋଲି ଆଜିର ସଫେଇ କାର୍ଯ୍ୟରୁ ବେଶ ବାରି ହୋଇପଡ଼ିଛି। ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଂଯୋଜନାରେ ଆଜି ଏହି କାର୍ଯ୍ୟକୁ ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପଦେଷ୍ଟା ହରିହର ସ୍ୱାଇଁ ଏବଂ ସଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଉପସଭାପତି ଉପେନ୍ଦ୍ର ଜେନା, ନିର୍ଦ୍ଦେଶକ ଅନୀଲ ଜେନା ପ୍ରମୁଖ କାର୍ଯ୍ୟର ତଦାରଖ କରିବା ସହ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ତଥା ସରକାରୀ ଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ, ରବୀନ୍ଦ୍ର ପରିଡ଼ା, ଜଶାଶୁଣା ସମାଜସେବୀ କାମଦେବ ଧଳ, ପୂର୍ବତନ ସରପଞ୍ଚ, ତାରାକାନ୍ତ ମଳିକଙ୍କ ସହ ବିଞ୍ଝାରପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ ପହଞ୍ଚି ସହଯୋଗ କରିବା ସହ ଅନ୍ୱେଷଣର ଏତାଦୃଶ କାର୍ଯ୍ୟ ପାଇଁ ସାଧୁବାଦ ଅର୍ପଣ କରିଥିଲେ। ସୂଚନା ଅନୁଯାୟୀ ଏହି ସଫେଇ କାର୍ଯ୍ୟରେ ତପସ୍ୱିନୀ ମଲିକ, ପୂର୍ଣ୍ଣିମା ମଲିକ, ଲଛାମୟୀ ଧଳ, ସମର୍ଜିତ ମହାନ୍ତି, ସ୍ୱାତି ପଣ୍ଡା, ସାଗରିକା ପରିଡ଼ା, ଧନଞ୍ଜୟ ପୃଷ୍ଟି, ପ୍ରିୟଦର୍ଶିନୀ ପଣ୍ଡା, ଅନିତା ସାହୁ, ଜିତେନ୍ଦ୍ର ବେହେରାଙ୍କ ସମତେ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସଫେଇ କାର୍ଯ୍ୟରେ ସାମିଲ ହୋଇ ବିଭୁକୃପା ଲାଭ କରିଥିଲେ।

# "ଆମ ପରମ୍ପରା" ର କରୋନା ସଚେତନତା କାର୍ଯ୍ୟକ୍ରମରେ କମ୍ବଳ ବ□ନ







ବାଲେଶ୍ୱର, (ପି.ଏନ): ବାଲେଶ୍ୱର ନୀଳଗିରି ବ୍ଲକର ତରତରୀ ଚଣ୍ଡିଗଡ଼ ଠାରେ ଥିବା ଓଡ଼ିଶା ଷ୍ଟେଟ ବିଗ୍ରେଡ଼ ସ୍କୁଲ ରେ ସାମାଜିକ ଅନୁଷ୍ଠାନ "ଆମ ପରମ୍ପରା" ପରିବାର ତରଫରୁ ଏକ କରୋନା ମହାମାରୀ ସଚେତନତା ସଭା କରାଯାଇଥିଲା। ଏହି ସଭାରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ସତ୍ୟଭାମା ମୁଦୁଲି ଏବଂ ଅନୁଷ୍ଠାନ ର ସଭାପତି ବିକ□ନ ନାୟକଙ୍କ ସଭାପତିତ୍ୱରେ ସଂପାଦକ ମୁରଲୀଧର ନାୟକ, ସୁରେଶ ଚନ୍ଦ୍ର ଜେନା, ମୁକ୍ତେଶ୍ୱର ସେଠୀ, ହରିହର ନାୟକ, କଞ୍ଚମଣି ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା, କଳ୍ପନା ନାୟକ, ରଣଜିତ କୁମାର ପରିଡ଼ା, ଜଗନ୍ନାଥ ବାରିକ, ହରେକୃଷ୍ଣ ଦାସ, ମନ୍ମଦ ମିଶ୍ର, ଅମୃତି ଦାଶ, ବିତିକା ପଟ୍ଟନାୟକ, ସୁରେଶ ଚନ୍ଦ୍ର ପଣ୍ଡା, ସୁଧାଂଶୁ ମଲ୍ଲିକ, ବିଜୟଲକ୍ଷ୍ମୀ ମିଶ୍ର, ହରିହର ଜେନା, ଲୋକନାଥ ପିରି, ରଘୁନାଥ ବେହେରା ଓ ଜିତେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହି କରୋନା ମହାମାରୀ ର ଭୟଭୟତା ଏବଂ ସଚେତନତା ଉପରେ ନିଜ ନିଜର ବକ୍ତବ୍ୟରେ ଗୁରୁତ୍ୱ ଆରପ କରିଥିଲେ। ତା ସହିତ ଓଡ଼ିଶାର ସଂସ୍କୃତି ପରମ୍ପରାକୁ ବଜାଇ ରଖି କୁସଂସାର ଅନ୍ଧବିଶ୍ୱାସକୁ ପରିତ୍ୟାଗ କରି ମୁଖ୍ୟ ସ୍ରୋତକୁ ଆସିବା ପାଇଁ ସଚେତନ କରାଯାଇଥିଲା। ପ୍ରବଳ ଶୀତ ଯୋଗୁଁ ସେ ଅଞ୍ଚଳର ଅସହାୟ, ଦିବ୍ୟାଙ୍ଗ, ଓ ଆଦିବାସୀ ଲୋକ ମାନଙ୍କ ୧୦୦ ରୁ ଉର୍ଦ୍ଧ କମ୍ବଳ ବ□ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଗ୍ରେଡ଼ ସ୍କୁଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅମେରନ୍ଦ୍ର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

# କେନ୍ଦ୍ରାପଡା ଜିଲ୍ଲାରେ ଆଜି ୨୪ଜଣ କରୋନା ପଜିଟିଭ

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ଜିଲ୍ଲାରେ ସୋମବାର ୨୪ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ ଆଳି ବ୍ଲକରେ ୫ଜଣ, ଡେରାବିଶ ବ୍ଲକରେ ୪ଜଣ, ଗରଦପୁର ବ୍ଲକରେ ୨ଜଣ, କେନ୍ଦ୍ରାପଡା ବ୍ଲକରେ ୮ଜଣ, ପଟ୍ଟାମୁଣ୍ଡାଇ ବ୍ଲକରେ ୪ଜଣ ଓ କେନ୍ଦ୍ରାପଡା ପୋରାଞ୍ଚଳରେ ଜଣେ କରୋନା ପଜିଟିଭ କେଶ ବାହାରିଥିବା ସୂଚନା ଦିଆଯାଇଛି। ଏତଦବ୍ୟତିତ କେନ୍ଦ୍ରାପଡା ଜିଲ୍ଲାରେ ୩ଜଣ ଓମିକ୍ରନ ରୋଗୀ ଚିହ୍ନଟ ହୋଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ଜଣେ ବିଦେଶରୁ ଆସିଥିବା ବେଳେ ଜଣେ ରାଜ୍ୟ ବାହାରୁ ଆସିଥିବା ବ୍ୟକ୍ତି ଏବଂ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଅଟନ୍ତି। ଚିକିତ୍ସା ପରେ ସେମାନେ ସୁସ୍ଥ ଥିବା ବେଳେ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ଅଦ୍ୟାବଧି ଚିହ୍ନଟ କରାଯାଇନଥିବା ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କ ଠାରୁ ଜଣାପଡିଛି।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ଆଉ ୧୪ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଶନିବାର ଦିନ ଆଉ ୧୪ ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏନେଇ ଆଇଏଲ୍‌ଏସ୍ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଛି। ସଂକ୍ରମିତଙ୍କ ମଧ୍ୟରୁ ୬ ଜଣ ବିଦେଶରୁ ଆସିଥିବା ବେଳେ ଅନ୍ୟ ୮ ଜଣ ସ୍ଥାନୀୟ ଅଂଚଳରୁ ସଂକ୍ରମିତ ହୋଇଛନ୍ତି। ବିଦେଶ ଫେରନ୍ତାଙ୍କ ମଧ୍ୟରୁ ୩ ଜଣ ଦକ୍ଷିଣ ଆଫ୍ରିକାରୁ ଆସିଛନ୍ତି। ସେହିଭଳି ନରୱେ,କତାର ଓ ସିଙ୍ଗାପୁରରୁ ଜଣେ ଲେଖାଏଁ ଆସିଛନ୍ତି।ଏହା ସହିତ ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୭୫କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ୫ ଜଣ ସୁସ୍ଥ ହୋଇସାରିଛନ୍ତି।

# ସିନେ ନିର୍ଦ୍ଦେଶକଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା,(ପି.ଏନ): ଏକ ଦୈନିକ ଖବରକାଗଜର କେନ୍ଦ୍ରାପଡା ପ୍ରତିନିଧି ଭାବେ କାର୍ଯ୍ୟରତ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ରାଉତଙ୍କ ଜ୍ୟେଷ୍ଠଭ୍ରାତା ତଥା ସିନେ ନିର୍ଦ୍ଦେଶକ ସୁଶାନ୍ତ ରାଉତଙ୍କର ୫୧ବର୍ଷ ବୟସରେ ଶନିବାର ଅପରାହ୍ନରେ ବିୟୋଗ ହୋଇଯାଇଛି। ସ୍ୱର୍ଗତ ରାଉତ କିଛିଦିନ ହେବ କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଥିଲେ। ସେ କେତେକ ଓଡିଆ ଚଳଚିତ୍ର ଏବଂ ଧାରାବାହିକରେ ଅଭିନୟ କରିବା ସହ ବହୁ ଚଳଚିତ୍ରରେ ନିର୍ଦ୍ଦେଶନା ଦେଇଥିଲେ।




# ସରକାରୀ ମହାବିଦ୍ୟାଳୟରେ ବିଜେଡ଼ି ନେତାଙ୍କ ପ୍ରୋତ୍ସାହନରେ ଚାଲିଛି ନାମଲେଖା ଦୁର୍ନୀତି : ୟାସିର ନୱାଜ

ଭୁବନେଶ୍ୱର ,(ପି.ଏନ): ଓଡ଼ିଶା ଷ୍ଟାଫ୍‌ସିଲେକସନ୍ କମିସନର ଚାକିରୀ ବିକ୍ରି ଦୁର୍ନୀତି ଧରା ପଡ଼ିବା ପରେ ଏବେ ନବୀନ ସରକାରଙ୍କ ଦ୍ୱାରା ସରକାରୀ ମହାବିଦ୍ୟାଳୟ ସିଟ୍‌ବିକ୍ରି କଥା ପଦାକୁ ଆସିଛି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀ ନୱାଜ କହିଛନ୍ତି ଯେ ୨୦୨୦ ଏବଂ ୨୦୨୧ ଶିକ୍ଷାବର୍ଷରେ ଭଦ୍ରକ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମଲେଖା କ୍ଷେତ୍ରରେ ସାଂଘାତିକ ଦୁର୍ନୀତି ହୋଇଛି। ଏଥିରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉପେକ୍ଷା କରାଯାଇଛି ଓ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍‌କୁ ବିକ୍ରି କରାଯାଇଛି। ଲାଂଚନେଇ କମ୍ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ନାମ ଲେଖାଯାଇଛି। ଭଦ୍ରକ ଜିଲ୍ଲାର ବିଜେଡ଼ି ନେତା ଓ ବିଜେଡ଼ି ଯୁବ ନେତା ହେଉଛନ୍ତି ଏହି ଦୁର୍ନୀତିର ମୁଖ୍ୟ ସୂତ୍ରଧର। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ନାମଲେଖା ପାଇଁ ଯେତିକି କଟଅଫ୍ ନମ୍ବର ଘୋଷଣା କରାଯାଇଥିଲା, ତାଠାରୁ ଯଥେଷ୍ଟ କମ୍ ନମ୍ବର ରଖିଥିବା ପିଲାଙ୍କ ଠାରୁ ଟଙ୍କା ଲାଂଚନେଇ ନାମଲେଖା ଯାଇଛି। ବିଜେଡ଼ିର ଏହି ନେତାମାନେ ଜାଲ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରସ୍ତୁତ କରି ଏମାନଙ୍କର ନାମ ଲେଖେଇଛନ୍ତି। ସୂଚନା ଅଧିକାର ଆଇନ ବଳରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏଇ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରକୃତ କି ଜାଲ ମଗାଯାଇଥିଲା। ମୁଖ୍ୟ ଚିକିତ୍ସା ଅଧିକାରୀ ଏହା ଜାଲ ବୋଲି ସ୍ପଷ୍ଟକରି ଦେଇଛନ୍ତି। ଏହି ନାମଲେଖା ରାକେଟରେ ବିଜେଡ଼ି ଦଳର କର୍ମକର୍ତ୍ତା ତଥା ଭଦ୍ରକ ବିଜେଡି ବିଧାୟକଙ୍କ ପ୍ରତିନିଧି ଯୁବ ବିଜେଡ଼ିର ରାଜ୍ୟ ଯୁଗ୍ମ ସଂପାଦକ ରାକେଶ ପଣ୍ଡା ରହିଛନ୍ତି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯିଏକି ବିଜୁ ଯୁବଜନତା ଦଳର ସଭାପତି, ତାଙ୍କର ମଧ୍ୟ ଏଥିରେ ସଂପୃକ୍ତି ରହିଛି। ଏ ସମସ୍ତ ସିଟ ଦଲାଲ ବ୍ୟୋମକେଶ ରାୟଙ୍କର ଘନିଷ୍ଠ ବ୍ୟକ୍ତି ଏବଂ ଏମାନଙ୍କ ମଧ୍ୟରୁ ଦୁଇଜଣ ବିଜୁଜନତା ଦଳରେ ମଧ୍ୟ କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟ ବିଜେଡ଼ି ନେତାମାନେ ଯେଉଁମାନେକି ଏହି ଦଲାଲି କାର୍ଯ୍ୟରେ ସଂପୃକ୍ତି ସେମାନେ ହେଲେ ଭାସ୍କର ମହାଳିକ, ନିତିଶ ପଣ୍ଡା, ଅଂଶୁମାନ ମହାନ୍ତି। ଏହା କେବଳ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଘଟଣା। ସାରା ରାଜ୍ୟରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶାସକ ଦଳର ନେତାମାନଙ୍କ ମାଧ୍ୟମରେ ଏହି ର୍‍ୟାକେଟ କାମ କରୁଛି ବୋଲି ଅଭିଯୋଗ ହେଉଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଭଳି ସାଂଘାତିକ ଘଟଣା ଘଟିଥିବା ବେଳେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ଅରୁଣ ସାହୁ, ଉଚ୍ଚଶିକ୍ଷା ସଚିବଙ୍କ ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭଦ୍ରକ ଜିଲ୍ଲାପାଳ ସବୁ ଜାଣି ନୀରବ। ଘଟଣାକୁ ଚପାଇ ଦେବାପାଇଁ ଜିଲ୍ଲାପାଳ ଅପଚେଷ୍ଟା କରୁଛନ୍ତି। ଦୁଇ ବିଧାୟକ ଏହି ସିଟ ବିକ୍ରି ଦଲାଲମାନଙ୍କୁ ନିଜ ତତ୍ତ୍ୱାବଧାନରେ ସୁରକ୍ଷା ଦେଉଛନ୍ତି। ଏ ରାଜ୍ୟର ସଂପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ନବୀନ ସରକାର ଚାକିରୀ ବିକୁଥିଲେ, ଏବେ କଲେଜରେ ସିଟ୍ ବିକ୍ରୟ ଘଟଣାରୁ ପ୍ରମାଣିତ ହେଉଛି ଯେ ଏ ସରକାର ଏକ ଛାତ୍ର ବିରୋଧି ସରକାର। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ନାମଲେଖା ଦୁର୍ନୀତିରେ ଭଦ୍ରକ ବିଧାୟକଙ୍କ ସହମତି ରହିଅଛି ବୋଲି ସ୍ଥାନୀୟ ବୁଦ୍ଧିଜୀବି ମହଲ ଅଭିଯୋଗ ଆଣିଛନ୍ତି। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଏଥିରେ ଯେଉଁମାନେ ସଂପୃକ୍ତ ସେମାନଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ, ସଂପୃକ୍ତ ବିଜେଡ଼ି ନେତା, ନାମଲେଖା ଦାୟିତ୍ୱରେ ଥିବା ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଶ୍ରୀ ନୱାଜ ଦାବି କରିଛନ୍ତି। ସାରା ଓଡ଼ିଶାରେ ଏହି ର୍‍ୟାକେଟର ଠାବ କରାଯାଇ, ଏହି ର୍‍ୟାକେଟ ପଛରେ ଥିବା ବିଜେଡ଼ି ନେତା, ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ଶ୍ରୀ ନୱାଜ ଦାବି କରିଛନ୍ତି। ଯଦି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ଅରୁଣ ସାହୁ ୨୪ ଘଂଟା ମଧ୍ୟରେ ଘଟଣାର ତଦନ୍ତ କରି ଏଥିରେ ସଂପୃକ୍ତ ଦୋଷୀଙ୍କୁ ଦଣ୍ଡ ବିଧାନର ବ୍ୟବସ୍ଥା ନକରନ୍ତି ତେବେ ଛାତ୍ର କଂଗ୍ରେସ ମନ୍ତ୍ରୀଙ୍କର ସରକାରୀ ବାସଭବନକୁ ଯାଇ ତାଙ୍କୁ ପ୍ରଶ୍ନ କରିବ ବୋଲି ଶ୍ରୀ ନୱାଜ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀର ସ୍ୱାଗତ କର, ନଳିନୀ କାନ୍ତ ନାୟକ, ବିଶ୍ୱଭୂଷଣ ମହାପାତ୍ର, ବିଭୁ ପ୍ରସାଦ ଜେନା ଓ ସାଗର ପଟ୍ଟନାୟକ ଉପସ୍ଥିତ ଥିଲେ।

## ପଂଚାୟତ ନିର୍ବାଚନରେ ଆଦିବାସୀ ସଂରକ୍ଷଣରେ ସରକାର ଚଂଚକତା କରିଛନ୍ତି

ଭୁବନେଶ୍ୱର, (ପି.ଏନ): ରାଜ୍ୟର ନବୀନ ସରକାର ଆଗାମୀ ପଂଚାୟତ ନିର୍ବାଚନରେ ଆଦିବାସୀ ମାନଙ୍କ ପାଇଁ ସଂରକ୍ଷଣରେ କେବଳ ଚଂଚକତା କରିନାହାନ୍ତି ସମ୍ବିଧାନ ଏବଂ ଆଇନ୍‌କୁ ମଧ୍ୟ ଅଣଦେଖା କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ରାଜ୍ୟରେ ଆଦିବାସୀ ମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୨.୫ ଶତାଂଶ ଥିବା ବେଳେ ସେମାନଙ୍କୁ ୨୩ ଟି ଜିଲ୍ଲା ଓ ୧୯୫ଟି ବ୍ଲକରେ ସରପଂଚ ଏବଂ ସମିତି ଅଧ୍ୟକ୍ଷ ପଦରେ ସଂରକ୍ଷଣ ନଦେବା ସରକାରଙ୍କର ଆଦିବାସୀ ମାନଙ୍କ ପ୍ରତି ବୈମାତୃକ ମନୋଭାବର ପରିଚାୟକ। ଆଦିବାସୀ ମାନଙ୍କୁ ସଂରକ୍ଷଣ ଦେବାକ୍ଷେତ୍ରରେ ଯେଉଁ ତାଲିକା ବିଭିନ୍ନ ଜିଲ୍ଲାମାନଙ୍କରେ ପ୍ରକାଶ ପାଇଛି ସେଥିରେ ଅସଂଗତି ରହିଛି ଏବଂ ଅନେକ ପଂଚାୟତ ଓ ବ୍ଲକ ଆଦିବାସୀ ଜନସଂଖ୍ୟା ବହୁଳ ଥିବା ବେଳେ ସେମାନଙ୍କୁ ସଂରକ୍ଷଣର ସୁଯୋଗ ଦିଆଯାଇ ନାହିଁ। ଏହାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଆଦିବାସୀ ମାନଙ୍କର ମେଳି ଓ ଆନ୍ଦୋଳନ ଦେଖାଦେଇଛି।

# ଉତ୍କଳସମ୍ମିଳନୀ ବାଲେଶ୍ୱର ଶାଖା ହେଲା ପୁର୍ନଗଠିତ

ବାଲେଶ୍ୱର, (ପି.ଏନ): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିର୍ମାଣର ଅନୁଷ୍ଠାନ ଉତ୍କଳସମ୍ମିଳନୀ ଯାହା ୧୯୦୩ ମସିହାରେ ଗଠିତ ହୋଇଥିଲା, ସେହି ୧୨୧ବର୍ଷ ଅନୁଷ୍ଠାନର ବାଲେଶ୍ୱର ଜିଲ୍ଲା ଶାଖାର ପୁର୍ନଗଠନ ଆଜି ପୁର୍ବାହ୍ନରେ ନାରୀସଂଘ ପରିସରସ୍ଥ ବୈଠକରେ ସମାପନ ହୋଇଛି। ବାଲେଶ୍ୱର ଶାଖାର ସଭାପତି ପଣ୍ଡିତ ସୁରେନ୍ଦ୍ରନାଥ କରଙ୍କ ବିୟୋଗ ସହ ଶାଖାର କାର୍ଯ୍ୟକାଳ ଦିର୍ଘ ଦିନରୁ ଶେଷ ହୋଇଥିବାରୁ ଆଜି କୋଭିଡ଼ ନିୟମ ପାଳନ ପୂର୍ବକ ସଦସ୍ୟ ମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ପ୍ରଫେସର ଡ ଅଦ୍ୱୈତ କୁମାର ପାତ୍ର ଏଥିରେ ଯୋଗ ଦେଇ ଆଜି ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟାକୁ ସୁଚାରୁ ରୁପେ ପରିଚାଳନା କରିଥିଲେ। ବୈଠକ ପ୍ରାରମ୍ଭରେ ଶାଖାର ୨ ବିବଂଗତ ସଭାପତି କବି ବଜ୍ରନାଥ ରଥ ଓ ସୁରେନ୍ଦ୍ରନାଥ କର ଙ୍କ ବିୟୋଗରେ ୨ ମିନିଟ୍ ନିରବ ପ୍ରାଥନା କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ ପରେ ବାଲେଶ୍ୱର ଶାଖାର ସଂପାଦକ ଥିବା ଦୀନବନ୍ଧୁ ଲେଙ୍କା ଶାଖାର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ରାଜ୍ୟ ସଭାତି ଡ. ପାତ୍ର ଅଜିର ସମ୍ମିଳନୀକୁ ଉଦ୍ଘାଟନ କରି ଓଡ଼ିଆ ଭାଷା ପ୍ରେମୀ ତତ୍କାଳୀନ ବ୍ରିଟିଶ ଶାସନ ସମୟର ବାଲେଶ୍ୱର ଜିଲ୍ଲାପାଳ ଥିବା ଜନ୍ ବିମସ୍ ଓ ମହାରାଜା ବୈକୁଣ୍ଠନାଥ ଦେବଙ୍କର ପ୍ରତିମୁର୍ତ୍ତି ସହରରେ ସ୍ଥାପନ ସହ ଗଡ଼ଗଡ଼ିଆ ଘାଟରେ ରାଧାନାଥଙ୍କ ସମେତ ମଧୁସୁଦନ ଓ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦିଗରେ ରାଜ୍ୟ ସରକାର ଙ୍କ ଦୃଷ୍ଟି ଆକର୍ଷଣ କମରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାର ଶିମା ସମସ୍ୟା ସମେତ ଜିଲ୍ଲାର ସାହିତ୍ୟ, ସଂସ୍କୃତି, କଳା, ଅର୍ଥନୀତି ସାମଗ୍ରୀକ ବିକାଶ ଦିଗରେ ସମବେତ ହୋଇ କାର୍ଯ୍ୟ କରିବାକୁ ସଦସ୍ୟମାନଙ୍କୁ ନିବେଦନ କରିଥିଲେ। ଆଜିର ସାଧାରଣ ସଭାରେ ସର୍ବସନ୍ମତ ଭାବେ ସଭାପତି ରୁପେ ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ବୈଦ୍ୟନାଥ ଷଡ଼ଙ୍ଗୀ, ଉପସଭାପତି ଭାବେ ନିରଞ୍ଜନ ରାଉତ ଓ ଡ. କ୍ଷିତୀଶର ଦାଶ, ସଂପାଦକ ଭାବେ କବି କାଳୀପଦ ପଣ୍ଡା, ଯୁଗ୍ମ ସଂପାଦକ ଲୋପାମୁଦ୍ରା ମହାପାତ୍ର, ସଂଗଠନ ସଂପାଦକ, ଉତ୍ପଳ କୁମା ର ମହାନ୍ତି, କୋଷାଦକ୍ଷ ରତ୍ନାକର ଦାସ, ମନୋନୀତ ହୋଇଥିଲା ବେଳେ ଶାଖାର ଏକ ୧୫ ଜଣିଆ କାର୍ଯ୍ୟକାରୀ କମିଟି ସଦସ୍ୟ ମନୋନୟନ କରାଯାଇଥିଲା। ସେମାନେ ହେଲେ ଅନୁସୟା ନାୟକ, ଅପର୍ଣ୍ଣା ମହାପାତ୍ର, ସୀତାରାମ ପ୍ରଧାନ, ସତ୍ୟପ୍ରିୟ ମହାନ୍ତି, ବେଣୁଧର ପାଲ, ପ୍ରଫୁଲ କୁମର ଦାସ, ରତିକାନ୍ତ ପାତ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ସୁଧାକର ସେଠୀ, ପ୍ରଦ୍ୱୀପ କୁମାର ମିଶ୍ର, କଲ୍ୟାଣୀ ନନ୍ଦ, ସ୍ନେହଲତା ଦାସ ପତି, ବିଧାନ ଚନ୍ଦ୍ର ରାୟ, ମଦନ ଖଣ୍ଡେଲ ୱାଲ, ଜ୍ୟୋତିର୍ମୟୀ, ଶାଖାର ଉପଦେଷ୍ଟା ଭାବେ ଭୋଗରାଇର ବିଧାୟକ ତଥା ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖାର ପୂର୍ବତନ ପ୍ରତିଷ୍ଠତା ସଂପାଦକ ଅନନ୍ତ ଦାସ, ଶରତ ଚନ୍ଦ୍ର ଦାଶ, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଶରତ କୁମାର ମହାପାତ୍ର ଓ ଡ. ଶିରୀଶ ଚନ୍ଦ୍ର ଜେନା ରହିଛନ୍ତି। ରାଜ୍ୟ ପରିସଦ ସଦସ୍ୟ ଭାବେ ଜିଲ୍ଲା ଶାଖାର କର୍ମକର୍ତ୍ତାଙ୍କ ସମେତ ସୁଧାଂଶୁ ଶେଖର ଦାସ, ଦିନବନ୍ଧୁ ଲେଙ୍କା, ଗୌରାଙ୍ଗ ପାଣୀଗ୍ରାହୀ ଓ ଉମେଶ ଚନ୍ଦ୍ର ଜେନା ମନୋନୀତ ହୋଇଛନ୍ତି। ଖୁବ ଶୀଘ୍ର ନବ ନିର୍ବାଚିତ ଜିଲ୍ଲା ଶାଖାର କାର୍ଯ୍ୟକାରୀ ବୈଠକ ବସି ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

# ସ୍ଥାୟୀ ସଂସ୍କୃତି ଅଧିକାରୀ ଓ ପ୍ରତ୍ୟେକ ମାସରେ କଳାକାର ଭତ୍ତା ପ୍ରଦାନ ପାଇଁ ଜିଲ୍ଲା କଳା ସଂସ୍କୃତି ସଙ୍ଘର ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାରେ ସ୍ଥାୟୀ ଜିଲ୍ଲା ସଂସ୍କୃତି ଅଧିକାରୀ ନିଯୁକ୍ତି ଏବଂ ପ୍ରତ୍ୟେକ ମାସରେ କଳାକାର ଭତ୍ତା ପ୍ରଦାନ ଦାବିରେ ଜିଲ୍ଲା କଳା ସଂସ୍କୃତି ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ସୋମବାର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଗତ ୧୯୯୫ମସିହା ଠାରୁ କେନ୍ଦ୍ରାପଡା ଜିଲ୍ଲାରେ କୌଣସି ସ୍ଥାୟୀ ଜିଲ୍ଲା ସଂସ୍କୃତି ଅଧିକାରୀ ନାହାନ୍ତି। ଫଳରେ ଜିଲ୍ଲା ସଂସ୍କୃତି ବିଭାଗର କାର୍ଯ୍ୟ ସଠିକ ଭାବରେ ଓ ନିର୍ଦ୍ଦିଷ୍ଟ ସମୟରେ ହୋଇପାରୁନାହିଁ। ଏତଦବ୍ୟତିତ ଏହି ଜିଲ୍ଲାରେ ୧୫୭୯ଜଣ କଳାକାର ଭତ୍ତା ପାଉଥିବା ବେଳେ ସେମାନଙ୍କ ମଧ୍ୟରେ ୮୦ଭାଗ ବୟୋଜ୍ୟେଷ୍ଠ କଳାକାର ଅଛନ୍ତି। ଆଜକୁ ୭ମାସ ହେବ ସେହି କଳାକାରମାନେ ଭତ୍ତା ନପାଇ ବହୁ ଅସୁବିଧାରେ କାଳାତିପାତ କରୁଛନ୍ତି। ଏମିତିକି ଔଷଧ ଖାଇବା ପାଇଁ ସେମାନେ ବାରଦୁଆର ସୁଣ୍ଢିପିଣ୍ଡା ହେଉଥିବା ସଙ୍ଘ ଅଭିଯୋଗ କରିଛି। ତେଣୁ ପ୍ରତ୍ୟେକ ମାସର ୨୫ତାରିଖରେ କଳାକାରମାନଙ୍କୁ ଭତ୍ତା ପ୍ରଦାନ କରାଯିବାକୁ ସଙ୍ଘ ଦାବି କରିଛି। ଜିଲ୍ଲାରେ ଜଣେ ସ୍ଥାୟୀ ସଂସ୍କୃତି ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ଜିଲ୍ଲାପାଳ ସୁପାରିଶ କରିବାକୁ ସଙ୍ଘ ଦାବି କରିଛି। ଜିଲ୍ଲା କଳା ସଂସ୍କୃତି ସଙ୍ଘର ସଭାପତି ଗଗନବିହାରୀ ସିଂହଙ୍କ ନେତୃତ୍ୱରେ କ୍ଷୀରୋଦ କୁମାର ନାଥ, ଅଭୟ କୁମାର ଶତପଥୀ, ମାଧବାନନ୍ଦ ଦାଶ, କାର୍ତ୍ତିକ ଦାସ, ବାବାଜୀ ଚରଣ ସେଠୀ, ଶାରଦା ପ୍ରସନ୍ନ ନାଥ, ଗୋପିନାଥ ରଣା, ହିମାଂଶୁ କର, ସରୋଜକାନ୍ତ ପରିଡା, କୈଳାସ ଚନ୍ଦ୍ର ଗୋଛାୟତ,ତ୍ରିଲୋଚନ ବେହେରା, ଅଜୟ ପ୍ରଧାନ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଯୁବ ସମାଜ ସର୍ବୋଚ୍ଚ ଶକ୍ତିର ଅଧିକାରୀ : ରାଜ୍ୟପାଳ

ମାକ୍‌ଲିନ୍, ଟରୋଣ୍ଟୋ, ଲଣ୍ଡନ, ମାଞ୍ଚେଷ୍ଟର, ସିଙ୍ଗାପୁର, ଅକ୍‌ଲ୍ୟାଣ୍ଡ, କାନବେରା, ନୂଆଦିଲ୍ଲୀ, ବେଙ୍ଗାଲୁରୁ, ଭୁବନେଶ୍ୱର, କଟକ, ଉଦୟଗିରି, ୧୦।୧ : ଯୁବ ସମାଜ ଅଜସ୍ର, ଅଦମ୍ୟ, ଅପ୍ରତିହତ, ଅନନ୍ୟ ଓ ଅପାର ଶକ୍ତିର ଭଣ୍ଡାର ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମତ ପ୍ରକାଶ କରିଛନ୍ତି। ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଆୟୋଜିତ ୨୧ତମ ଆନ୍ତର୍ଜାତିକ ଯୁବ ୱେବ୍ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ର଼ଂସର ଲାଲ୍ ସମଗ୍ର ସଂସାରରେ କରୋନାର ମୁକାବିଲା କରିବା ଓ ଏହାକୁ ପରାଜିତ କରିବା ପାଇଁ ଯୁବକମାନେ ବେଶ୍ ସକ୍ଷମ ଓ ସଦା ସମର୍ଥ ବୋଲି ଦର୍ଶାଇଥିଲେ। ସାମ୍ପ୍ରତିକ ମହାମାରୀ କାଳରେ 'ମାନସିକ ସୁସ୍ଥତା ଏବଂ ଜନ ମନୋବଳ ବୃଦ୍ଧି' ଶୀର୍ଷକ ଆଲୋଚନା ଚକ୍ରର ବିଷୟବସ୍ତୁଟି ବେଶ୍ ପସନ୍ଦ ଯୋଗ୍ୟ ବୋଲି ଉଲ୍ଲେଖ କରି ପ୍ରଫେସର ଲାଲ୍, ବର୍ତ୍ତମାନ ସମୟରେ ସମାଜରେ ଶାନ୍ତି, ସଂହତି, ସଦାଚାର, ସନ୍ତୁଷ୍ଟି, ସଦ୍‌ଭାବନା ଓ ସାକାରାତ୍ମକ ବାର୍ତ୍ତାର ପ୍ରଚାର ଓ ପ୍ରସାର କରାଇବା ପାଇଁ ଯୁବ ସମ୍ପ୍ରଦାୟଙ୍କୁ ନିବେଦନ କରିଥିଲେ। ସମାବେଶରେ ସ୍ୱାଗତ ଭାଷଣ ପ୍ରଦାନ କରି ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଏବଂ ସମ୍ମିଳନୀର ସଭାନେତ୍ରୀ ଡଃ. ଅରୁନ୍ଧତି ଦେବୀ ଯୁବକମାନେ ଶାନ୍ତ, ଶିଷ୍ଟ, ସ୍ନେହୀ, ସତ୍ୟନିଷ୍ଠ, ସଚ୍ଚୋଟ ଏବଂ ଶୃଙ୍ଖଳିତ ହେବା ଉଚିତ ବୋଲି କହିଥିଲେ। ସାରା ବିଶ୍ୱରେ ବ୍ୟାପିଥିବା ମହାମାରୀ ସମୟରେ ଜନସାଧାରଣଙ୍କର ମାନସିକ ସୁସ୍ଥତାକୁ ବଜାୟ ରଖିବା କ୍ଷେତ୍ରରେ ଯୁବ ସମାଜ ସେମାନଙ୍କର ଗୁରୁଦାୟିତ୍ୱ ନିର୍ବାହ କରିବାକୁ ଆଗଭର ହୋଇଆସିବାକୁ ଡଃ ଦେବୀ ଅହ୍ୱାନ ଜଣାଇଥିଲେ। ସମ୍ମାନିତ ଅତିଥି ତଥା ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଯୁବକମାନଙ୍କୁ ଦୁଶ୍ଚିନ୍ତା ଓ ବିଶାଦଗ୍ରସ୍ତରୁ ଦୂରରେ ରହି ସତର୍କତା ଓ ପ୍ରତିଷେଧକ ବ୍ୟବସ୍ଥା ଉପରେ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଅତିଥି ବକ୍ତା ଆମେରିକାରେ ଅବସ୍ଥାପିତ ଯୁବ ଶିଳ୍ପୋଦ୍ୟୋଗୀ ଅନୁଭବ ମିଶ୍ର, ମହାମାରୀ ଜନିତ ପ୍ରତିବନ୍ଧକ, ପାରମ୍ପରିକ ଧାରାରୁ ହଟିକି କାମ କରିବା, ଉଦ୍ଭାବନର କ୍ଷେତ୍ରକୁ ପ୍ରଶସ୍ତ କରିବା, ଅଭିନବ ସାମର୍ଥ୍ୟ ପ୍ରଦର୍ଶନ କରିବା ଏବଂ ନିଜର ଅନ୍ତର୍ନିହିତ



ଶକ୍ତିର ସୂତ୍ରକୁ ଅନାବରଣ କରିବା ନେଇ ଆମ ସମ୍ମୁଖରେ ବହୁମୁଖୀ ସୁଯୋଗର ଭଣ୍ଡାର ସୃଷ୍ଟି କରିଥିବା ସୂଚାଇଥିଲେ।ଏହି ଅନ୍‌ଲାଇନ୍ ବିଚାରଗୋଷ୍ଠୀରେ ବିଭିନ୍ନ ରାଷ୍ଟ୍ରର ଶୋଭନୀୟ ଆନ୍ଦୋଳନର ପ୍ରତିନିଧିମାନେ, ବହୁ ପ୍ରବାସୀ ଓଡ଼ିଆ ନେତୃବୃନ୍ଦ, ବିଶ୍ୱଭରି ବୁଦ୍ଧିଜୀବୀ ଏବଂ ବିଦ୍ୱାନ ଯୋଗଦେଇଥିବା ଦେଖାଯାଇଥିଲା। ଶତାଧିକ ଅଂଶଗ୍ରହଣକାରୀ ବୈଠକର ଭର୍ଚୁଆଲ ମଞ୍ଚରେ ସାମିଲ ହୋଇଥିବାବେଳେ ବହୁ ଦର୍ଶକ ଏହାକୁ ସାମାଜିକ ଗଣମାଧ୍ୟମ ଜରିଆରେ ଦେଖିଥିବା ଜଣାଯାଇଥିଲା।ପ୍ଲେନାରୀ ଅଧିବେଶନରେ ଚର୍ଚ୍ଚାର ଶୁଭାରମ୍ଭ କରି ପ୍ରଫେସର କାଳିକିଙ୍କର ପଟ୍ଟନାୟକ, ସମାଜରେ ସଂସ୍କାର ଓ ସୁଧାର ଆଣିବା ପାଇଁ ଯୁବ ସମାଜ ନିକଟରେ ସବୁ ପ୍ରକାର କୁହୁକ ବିଦ୍ୟା ଓ ଅଭୁତ ଶକ୍ତି ମହଜୁଦ ଥିବା ଦର୍ଶାଇଥିଲେ। ସୁପ୍ରିମକୋର୍ଟର ଆଇନଜୀବୀ ସୌମ୍ୟଜିତ ପାଣି, ମହାମାରୀର କଟକଣା ଯୋଗୁଁ ଉତ୍ପନ୍ନ ହୋଇଥିବା ବହୁ ସାକାରାତ୍ମକ ଫଳାଫଳର ଦୃଷ୍ଟାନ୍ତ ଦେଇଥିଲେ। ଅଷ୍ଟ୍ରେଲିଆର ପ୍ରତିଷ୍ଠିତ ଚିକିତ୍ସାବିତ୍ ଡଃ ନଳିନୀ ପତି, ଯୁବ ସମ୍ପ୍ରଦାୟ ସେମାନଙ୍କର ମନ ଓ ମସ୍ତିଷ୍କକୁ ସୁସ୍ଥ ଓ ସାକାରାତ୍ମକ କାର୍ଯ୍ୟରେ ବିନିଯୋଗ କରିବାକୁ ଉପଦେଶ ଦେଇଥିଲେ। ମହାମାରୀର ଭୟାବହତାରୁ ଯୁବ ସମାଜକୁ ରକ୍ଷା ପାଇବାକୁ ହେଲେ ଆଧ୍ୟାତ୍ମିକ ଏବଂ ଐଶ୍ୱରିକ ଜ୍ଞାନ ଆହରଣ କରିବାକୁ ପଡ଼ିବ ବୋଲି କାନାଡ଼ାର ଡଃ ତନ୍ମୟ ପଣ୍ଡା ମତବ୍ୟକ୍ତ କରିଥିଲେ। ବ୍ରିଟେନ୍‌ର ଡଃ ଉଷା ରାଉତ, ମହାମାରୀକୁ ସାମ୍ନା କରିବା ବା ଏହାକୁ ପ୍ରତିରୋଧ କରିବା ଆଦି ଗୁରୁତ୍ୱପୂର୍ଣ୍ଣ ବ୍ୟାପାର କ୍ଷେତ୍ରରେ ଯୁବକମାନଙ୍କୁ ନୀତି ନିର୍ଦ୍ଧାରଣ ଓ ନିର୍ଣ୍ଣାୟକ ମହଲରେ ସାମିଲ କରାଯିବା ପାଇଁ ସୁପାରିସ କରିଥିଲେ। ମହାମାରୀ ଯୋଗୁଁ ମାନସିକ ସ୍ୱାସ୍ଥ୍ୟ ସମୃଦ୍ଧ ହେବାର ଭରପୂର ଅବସର ଉପୁଜିଥିବା ଦର୍ଶାଇ ମାଞ୍ଚେଷ୍ଟରର ଶିବ ରଞ୍ଜନ ବିଶ୍ୱାଳ ଆତ୍ମ ସନ୍ତୁଳନ ଏବଂ ସ୍ୱେଚ୍ଛା ପ୍ରୋତ୍ସାହନ ଉପରେ ପ୍ରାଧାନ୍ୟ ଦେବାକୁ ମତଦେଇଥିଲେ। ଲଣ୍ଡନର ଡଃ. ଭାଗ୍ୟଶ୍ରୀ ସିଂହ କୋଭିଡ୍ ପରବର୍ତ୍ତୀ ପର୍ଯ୍ୟାୟର ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟଗତ ସମସ୍ୟାଗୁଡ଼ିକର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। କରୋନା କାଳରେ ଯୁବ ସମାଜ ସତତ ଶୃଙ୍ଖଳିତ ରହିବାକୁ ଦକ୍ଷିଣ କୋରିଆର ଡଃ ସୀତାଂଶୁ ଶେଖର ନନ୍ଦ ଆକଟ କରିଥିଲେ। କରୋନାର ନିରାକରଣ ପାଇଁ ଭାରତର ପାରମ୍ପରିକ ଚିକିତ୍ସା ପଦ୍ଧତି ଓ ଆୟୁର୍ବେଦ ଔଷଧ ବ୍ୟବହାର କରିବା ସପକ୍ଷରେ ପ୍ରିୟଙ୍କା ପ୍ରିୟଦର୍ଶନୀ ଶକ୍ତ ଯୁକ୍ତି ବାଢ଼ିଥିଲେ। ଅଷ୍ଟ୍ରେଲିଆର ଡଃ ରାମପ୍ରସାଦ ମହାନ୍ତି ମହାମାରୀର ଉତ୍ତମ ଓ ଉଜ୍ଜ୍ୱଳ ଦିଗ ପ୍ରତି ନଜର ଦେବାକୁ ସୂଚାଇଥିଲେ। ବେଙ୍ଗାଲୁରୁରୁ ସୁଜିତ ରାଉତରାୟ ସାମାଜିକ ଗଣମାଧ୍ୟମମାନଙ୍କ ଜରିଆରେ ପ୍ରେରଣାଦାୟୀ ବାର୍ତ୍ତାର ପ୍ରଚାର ଉପରେ ଜୋର ଦେଇଥିଲେ। ନିଉଜିଲ୍ୟାଣ୍ଡର ପ୍ରେମ୍ ନେପାକ, ମହାମାରୀ ଯୋଗୁଁ ବିଚଳିତ ଯୁବ ସମ୍ପର୍କୀୟମାନଙ୍କ ଉପରେ ଶକ୍ତ ନଜର ରଖିବା ଓ ସେମାନଙ୍କୁ ଆବଶ୍ୟକୀୟ ବୁଝାସୁଝା କରିବା ପାଇଁ କହିଥିଲେ। ଓମାନରୁ ଡଃ ତପନ କୁମାର ମହନ୍ତ, ଆମର ଦେହରେ ଓମିକ୍ରନ ଭଳି ବିକଳ୍ପ ମ୍ୟୁଟାଣ୍ଟକୁ କାବୁ କରିବା ପାଇଁ ଯଥେଷ୍ଟ ପ୍ରତିରୋଧକ ଶକ୍ତି ମହଜୁଦ୍ ଥିବାର ସୂଚନା ଦେଇଥିଲେ। ଆଜିର ଯୁବସମାଜ ମହାମାରୀକୁ ସାମ୍ନା କରିବା ପାଇଁ ସ୍ୱାସ୍ଥ୍ୟସମ୍ପନ୍ନ ହେବା ଆବଶ୍ୟକ ବୋଲି ନୂଆଦିଲ୍ଲୀରୁ ବିରଜା ମହାପାତ୍ର ଦର୍ଶାଇଥିଲେ। ଶୋଭନୀୟ ଆନ୍ଦୋଳନର ବରିଷ୍ଠ ସଦସ୍ୟ ଇନ୍ଦ୍ରମଣି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସିଙ୍ଗାପୁରରୁ ବନୋଜିନୀ ନାୟକ ସମଗ୍ର ଅଧିବେଶନକୁ ସୁଚାରୁ ରୂପେ ସଞ୍ଚାଳନା କରିଥିଲେ। ନନ୍ଦନ ଦ୍ୱିବେଦୀ ଡିଜିଟାଲ ନିୟନ୍ତ୍ରଣ କକ୍ଷକୁ ଦକ୍ଷତାର ସହିତ ପରିଚାଳନା କରିଥିଲେ। ଶୋଭନୀୟ ବାହିନୀ ସେମାନଙ୍କର ପ୍ରାରମ୍ଭିକ ସଂଗୀତ 'ହେ ଯୁବା' ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। କ୍ଷୀରାବ୍ଦୀ ତନୟା ଜେନାଙ୍କ ଦ୍ୱାରା ପରିବେଷିତ ଶୋଭନୀୟ ଆନ୍ଦୋଳନ ଆଧାରିତ ସଂଗୀତ 'ସୂର୍ଯ୍ୟ ସେନାନୀ ଆମେ' ବେଶ୍ ମର୍ମସ୍ପର୍ଶୀ ଥିଲା। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଡଃ ପ୍ରସନ୍ନ ପାଟଶାଣୀ, କୃପାନିଧି ବିଶ୍ୱାଳ, ଅକ୍ଷୟ ମହାନ୍ତି, ଡଃ ଅନିତା ପଣ୍ଡା, ଡଃ ରବିନାରାୟଣ ବେହେରା, କସ୍ତୁରିକା ପଟ୍ଟନାୟକ, ସୁନନ୍ଦା ମିଶ୍ର ପଣ୍ଡା, ପ୍ରଭାତୀ ପାଣିଗ୍ରାହୀ, କୃଷ୍ଣ କୁମାର, ନିରାକାର ବେଉରା, ମମତା ପ୍ରଧାନ, କାବେରୀ ବେହେରା, ରୀତା ପାତ୍ର, ଚିରଞ୍ଜିବୀ ସ୍ୱାଇଁ, ସତ୍ୟବ୍ରତ ମହାନ୍ତି, ରବି ମହାପାତ୍ର, ଉମାକାନ୍ତ ଭୂୟାଁ, ପ୍ରଦୀପ୍ତ କୁମାର ମିଶ୍ର, ମନୋଜ ନାୟକ ଓ ଶ୍ରୀମା ରାଣୀ ଦାସ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada




Bhubaneswar Tuesday January 11, 2022 ଭୁବନେଶ୍ୱର ମଙ୍ଗଳବାର, ଜାନୁଆରୀ ୧୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




# ମା ଗହୀରବଘେଇ ଆସୋସିଏସନର ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ




ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅଗ୍ରାମର ଖେଳପଡିଆରେ ମା ଗହୀର ବଘେଇ ଆସୋସିଏସନର ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ ମ୍ୟାଚ ୮ ଗୋଟି ଦଳ ଯଥା ଜଟଣୀ, ମେଣ୍ଢାଶାଳ, କଣାସ, ନାନକେରା, କୁରାଢିଲ, କେରଙ୍ଗ, କୁମ୍ଭିଲୋ ଓ ନିମାପଡା ଦଳ ଭାଗ ନେଇଥିଲେ ।ଏହିମ୍ୟାଚରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି,ଯୁବ ନେତା ପ୍ରଦୀପ କୁମାର ସାହୁ,ଆସୋସିଏସନର ସଭାପତି ଦେବରାଜ ବେହେରା, ସ୍ଥାନୀୟ ସରପଂଚ ସୁଦର୍ଶନ ବେହେରା,ସମାଜସେବୀ ଶଶି ଭୂଷଣ ପାଣିଗ୍ରାହୀ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରୁଦ୍ର ନାରାୟଣ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ । ଶେଷରେ ଫାଇନାଲ ମ୍ୟାଚଟି ମେଣ୍ଢାଶାଳ ବନାମ ଜଟଣୀ ମଧ୍ୟରେ ହୋଇଥିଲଲା ବେଳେ ଜଟଣୀ ଦଳ ୨-୦ରେ ବିଜୟ ଲାଭ କରିଥିଲା । ପୁରସ୍କାର ବିତରଣ ସଭାରେ ସମାଜସେବୀ ଦିଲ୍ଲିପ କୁମାର ମହାଭୋଇ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଯଥାକ୍ରମେ ନଗଦ ୩ ହଜାର ଓ ୨ ହଜାର ଟଙ୍କା ସହ ସିଲକପ ସହ ଟ୍ରଫି ପ୍ରଦାନ କରାଯାଇଥିଲା ।ଖେଳରେ ଲଳିତ କୁମାର ବଳିଯାରସିଂହ ଓ ଶଙ୍କର ସାର ମ୍ୟାଚ ରେଫରୀ ଭାବେ ଦାୟିତ୍ୱ ନେଇଥିବା ବେଳେ ଗଣେଶ ସାର କମେଣ୍ଟ୍ରି କରିଥିଲେ ।

# ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ଜବତ ଅଭିଯୁକ୍ତା ଗିରଫ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାର ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ନରେନ୍ଦ୍ର ବେହେରାଙ୍କ ପତ୍ନୀ ସ୍ୱର୍ଣ୍ଣଲତା (୪୦) ଦୀର୍ଘ ଦିନ ଧରି ବ୍ରାଉନ ସୁଗାର ବ୍ୟବସାୟ କରି ଆସୁଥିଲେ । ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଇନିସପେକ୍ଟର ଭୈରବ ସାହୁ ,ଜିଲ୍ଲା ଭ୍ରାମ୍ୟମାଣ ମହିଳା ଇନିସପେକ୍ଟର ସସ୍ମିତା ହୋତା,ଖୋର୍ଦ୍ଧା ଓଆଇସି ବି ମନୋଜ କୁମାରଙ୍କ ସମେତ କର୍ମଚାରୀ ମାନେ ଅତର୍କିତ ଭାବେ ପହଂଚି ଶ୍ରୀମତୀ ବେହେରାଙ୍କୁ କାବୁ କରିଥିଲେ । ତାଙ୍କ ଠାରୁ ନଗଦ ୫ ହଜାର ୩ ଶହ ଟଙ୍କା ସହ ୨୧ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଛି ।

# ପାଣ ଗଣ୍ଡା ସମାଜ ପକ୍ଷରୁ କମଳ ଓ ଶାଢ଼ୀ ବଣ୍ଟନ ମେଳା



ଫୁଲବାଣୀ: ବୌଦ୍ଧ ଜିଲ୍ଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦର ସଭାପତି ବଟକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଓ କଂଟାମାଳ ବ୍ଲକ ମଲିକୁଦ ଗ୍ରାମର ସମାଜସେବୀ ରାମ ଚ଼ନ୍ଦ୍ର ତାଣ୍ଡିଙ୍କ ନେତୃତ୍ୱରେ ମଲିକୁଦ ଠାରେ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ଓ ବିଧବା ମାଆ ମାନଙ୍କୁ ଶାଢ଼ୀ ବଂଟନ ମେଳା କରାଯାଇଥିଲା । ଉକ୍ତ ମେଳାରେ ଜାଗ୍ରତ କନ୍ଧମାଳ ଓଡିଶା ସାମାଜିକ ସଂଗଠନର ସାଧାରଣ ସମ୍ପାଦକ ଆଇନଜୀବୀ ତଥା ଜିଲ୍ଲା ପ୍ରେସ କ୍ଲବର ଉପସଭାପତି ସତ୍ୟନାରାୟଣ ବେହେରା ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସମାଜସେବୀ ସୋମନଥ ବାଘ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥ ଶ୍ରୀଯୁକ୍ତ ବେହୋରା ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଫୋଟ ଚି଼ତ୍ରରେ ପୁଷ୍ପମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ଜଳନ କରିଥିଲେ । କଂଟାମାଳ ବ୍ଲକ ବରଗାଁ ପଂଚ଼ାୟତ ଅଂଚ଼ଳ ମଧ୍ୟରୁ ଆସିଥିବା ଅସହାୟ ବୃଦ୍ଧ ବୃଦ୍ଧା ୨୫୦ଜଣଙ୍କ କମଳ ଓ ୫୦ ଜଣ ବିଧବା ମହିଳାଙ୍କୁ ଶାଢ଼ୀ ବଂଟନ କରାଗଲା । ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ରାମଚ଼ନ୍ଦ୍ର ପାଣ୍ଡି ଏହିପରି ଅସହାୟଙ୍କୁ ତାଙ୍କ ରୋଜଗାରରୁ ଅର୍ଥ ଖର୍ଚ୍ଚ କରି ସାହାଯ୍ୟ କରିଥିବାରୁ ଭୁୟସୀ ପ୍ରଶଂସା କରିବା ସହିତ ତାଙ୍କର ପିତା ମାତାଙ୍କୁ ପ୍ରଣାମ ଜଣାଇ ସଭାସ୍ଥ ଳରେ ଉପଢୌକନ ଦେଇ ସମ୍ମାନିତ କରିଥିଲେ ଓ ଅଂଚ଼ଳରେ ଏପରି ଶିକ୍ଷା ଆଦର୍ଶକୁ ପ୍ରତ୍ୟେକ ପରିବାର ନିଶା ଓ ପେଷା କରିବାକୁ ଆହ୍ୱାନ ଦେଇଥିଲେ । ଅସହାୟ ମାନଙ୍କ ମଧ୍ୟରେ ଅନୁସୂଚି଼ତ ଜନଜାତି, ଅନୁସୂଚି଼ତ ଜାତି ପଛୁଆବର୍ଗଙ୍କୁ କମଳ ଓ ଶାଢ଼ୀ ବଂଟନରେ ଅଂଶ ଗ୍ରହଣ କରିଥିଲେ । ପାଣ ଗଣ୍ଡା ସମାଳର ସାଧାରଣ ସମ୍ପାଦକ ସୁଧାଂସୁ ସଭା ପରିଚ଼ାଳନା କରିଥିବାବେଳେ ସଂଗଠନ ସମ୍ପାଦକ ଦେବବ୍ରତ ଶାଗର ସହଯୋଗ କରିଥିଲେ । ଅନ୍ୟତମ ଅତିଥି ଭାବେ ପ୍ରଦ୍ୟୁମ୍ନ ଦାସ ଯୋଗ ଦେଇଥିଲେ ଓ ପରମେଶ୍ୱର ଛତ୍ରିମା ଧନ୍ୟବାଦ ଅର୍ପଣ କରିଥିଲେ ।

# ସମିଆ ପଂଚାୟତ କଂଗ୍ରେସ କର୍ମୀ ବୈଠକ



ଚଣ୍ଡିଖୋଲ, (ପି.ଏନ): ବଡଚଣା ବ୍ଲକ ଅନ୍ତର୍ଗତ ସମିଆ ପଂଚାୟତର କଂଗ୍ରେସ କର୍ମୀ ବୈଠକ ସୋମେଶ୍ୱର ମନ୍ଦିର ପରିସରରେ ଲୋକନାଥ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାାଇଛି । କଂଗ୍ରେସ କର୍ମୀ ବୈଠକରେ ମୁଖ୍ୟ ଅତିଥି ଭାବେ ବଡଚଣା ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ଉପସଭାପତି ପ୍ରଦୀପ ମହାନ୍ତି, ସାଧାରଣ ସଂପାଦକ ବିଭୂତି ନାୟକ, ଉପଦେଷ୍ଟା ଅଶୋକ ସାମଲ ପ୍ରମୁଖ ଯୋଗ ଦେଇଥରଲେ । ବୈଠକରେ ସମିଆ ପଂଚାୟତର ବରିଷ୍ଠ କଂଗ୍ରେସ କର୍ମୀ ରମାକାନ୍ତ ମହାନ୍ତ, ରାମଚନ୍ଦ୍ର ପାତ୍ର, ବୁଦ୍ଧିରାମ ବାଙ୍କରା, ଗୌରାଙ୍ଗ ଦାସ, ଗୋବର୍ଦ୍ଧନ ପଣ୍ଡା, ଅଶୋକ ବ୍ରହ୍ମ, ଫକୀର ଚରଣ ସାହୁ, ରାଇଚରଣ ବୀଶ୍ୱାଳ, ଶରତ ଚନ୍ଦ୍ର ଭୁୟାଂ, ରାମଚନ୍ଦ୍ର ମହାନ୍ତ, ହୃଷିକେଶ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ । ଦୀର୍ଘ ୨୧ ବର୍ଷ ଶାସନ ବିଜେଡି ସରକାର ହାତରେ ରଖି ଯେଉଁ ଧରଣର ବ୍ୟାପକ ବାବେ ଦୁର୍ନୀତି ଲାଗିରହିଛି ତାହା ସାଧାରଣ ଲୋକମାନେ ଜାନିବା ଦରକାର । ବର୍ତମାନ ଯେଉଁଭଳି ବଡଚନାର ବିଜେଡି ନେତା ଓ କର୍ମୀମାନେ ଦୁର୍ନୀତିରେ ଲିପ୍ତ ରହି ଲକ୍ଷ ଲକ୍ଷ ଅର୍ଥରାଶି ହରିଲୁଟ କରିଛନ୍ତି । ଗ୍ରାମାଂଚଳରେ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ, ଗ୍ରାମ୍ୟ ରାସ୍ତା, ମୋ ପୋଖରୀ, ମୋ ଗୁହାଳ, ଧାନଖଳା,ଖେଳପଡିଆକୁ ନାମମାତ୍ର କାର୍ଯ୍ୟ କରି ଅର୍ଥ ହରିଲୁଟ ବିଜେଡି କର୍ମୀମାନେ ଚଳାଉଛନ୍ତି । ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବଚନରେ ସାଧାରଣ ଲୋକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ସମସ୍ତ କଂଗ୍ରେସ କର୍ମୀ ଏକଜୁଟ ହୋଇ ବିଜେଡି ବିରୁଦ୍ଧରେ ଜନ ଆନ୍ଦୋଳନ କରି ପଂଚାୟତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବ୍ଲକ କଂଗ୍ରେସ ସଭାପତି ଶ୍ରୀ ଜେନା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସମିଆ ପଂଚାୟତର ବିଜେଡିର ପୁରୁଖା କର୍ମୀ ବାଙ୍କବିହରୀ ସାହୁ ବିଜେଡି ଦଳର ଅନ୍ୟ କର୍ମୀମାନଙ୍କୁ ସାଥିରେ ଆଣି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି । ସମିଆ ପଂଚାୟତର ନୂତନ କଂଗ୍ରେସ ସଭାପତି ଭାବେ ରମାକାନ୍ତ ମହାନ୍ତଙ୍କୁ ସର୍ବସମ୍ମତି କ୍ରମେ ଘୋଷଣା କରାଯାଇଛି । ବଡଚଣାର କଂଗ୍ରେସ ନେତା କ୍ୟପ୍ଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱ ପ୍ରତି ଦୃଢ ସର୍ମଥନ ରହିବ ବୋଲି ବିଜେଡି ଦଳ ପରିତ୍ୟାଗ କରିଥିବା ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

# ସମାଜସେବା ପାଇଁ ଅଣ୍ଟା ଭିଡ଼ିଲେ ବରିଷ୍ଠ ନାଗରିକ




ଖୋର୍ଦ୍ଧା:(ପି.ଏନ): ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧାର ନବ ନିର୍ବାଚିତ କାର୍ଯ୍ୟ ନିର୍ବାହୀ ପରିଷଦ ବୈଠକ ବି.ଡ଼ି.ଏ. କଲୋନୀସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଏଥିରେ ମଞ୍ଚର ସଭାପତି ସତ୍ୟବାଦୀ ବଳିୟାରସିଂହ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଦେଶରେ ଦେଖାଯାଇଥିବା କରୋନା ତୃତୀୟ ଲହରରେ ଆସିଥିବା ଓମ୍ରିକନ୍ ଭୂତାଣୁ ସଂକ୍ରମଣର ପ୍ରତିଷେଧକ ସ୍ୱରୂପ ରାଜ୍ୟ ସରକାରଙ୍କ ଦ୍ୱାରା ଜାରିକରାଯାଉଥିବା ମାର୍ଗଦର୍ଶିକା ଗୁଡ଼ିକୁ ଜନସାଧାରଣ କଡ଼ାକଡ଼ି ରୂପେ ପାଳନ କରିବା ଲାଗି ସଚେତନତା ବାର୍ତ୍ତା ଦୈନିକ ଖବରକାଗଜ ମାଧ୍ୟମରେ ବିତରଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଆଗାମୀ ଦିନରେ ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ୨୨ ଗୋଟି ୱାର୍ଡ଼ର ପ୍ରତ୍ୟେକ ୱାର୍ଡରେ ଘରେ ରହୁଥିବା ବୃଦ୍ଧ ପିତାମାତା ଓ ଗୁରୁଜନମାନଙ୍କ ଯତ୍ନ ନେବା ପାଇଁ ସେମାନଙ୍କର ସନ୍ତାନ ସନ୍ତତିଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଥିଲା । କାରଣ ଆଇନ୍ ଦ୍ୱାରା ଏହି ସମସ୍ୟାର ସମାଧାନ କରାଯାଇ ପାରିବ ନାହିଁ କିମ୍ବା ବୃଦ୍ଧାଶ୍ରମ ଏହାର ସଠିକ୍ ଠିକଣା ନୁହେଁ । ସେହିଭଳି ସହରରେ ନିଶା କାରବାର ବଢିଚାଲୁଥିବା ହେତୁ ମଂଚ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ଅଧିବାସୀବୃନ୍ଦ, ସାମାଜିକ ସଂଗଠନ ଏହି ଦିଗରେ ମଂଚକୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି । ଖୋର୍ଦ୍ଧାରୁ ଜଗନ୍ନାଥ ସଡ଼କ ଦେଇ ପୁରୀକୁ ମୋ ବସ୍ ଚଳାଇବା, ବରୁଣେଇ ଏବଂ ଏହାର ନିକଟବର୍ତ୍ତୀ ପର୍ଯ୍ୟଟନ ସ୍ଥଳୀରେ ଦିବ୍ୟାଙ୍ଗଙ୍କ ପାଇଁ ର୍ୟାମ୍ପ ନିର୍ମାଣ କରିବା ସହିତ ସଂସ୍କୃତି ବିଭାଗ ତରଫରୁ ହୁଇଲ୍ ଚେୟାର୍ ବ୍ୟବସ୍ଥା ପାଇଁ ସରକାରଙ୍କୁ ପଦକ୍ଷେପ ନେବା ନିମନ୍ତେ ଅନୁରୋଧ କରାଗଲା । ଖୋର୍ଦ୍ଧା ପୌର ପରିଷଦ ଅଞ୍ଚଳର ରାସ୍ତା, ଡ୍ରେନ୍, ଷ୍ଟ୍ରିଟ୍ ଲାଇଟ୍ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଗଲା । ଏ ଦିଗରେ ମାନ୍ୟବର ଖୋର୍ଦ୍ଧା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥିର ହେଲା । ଏହି ବୈଠକରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପୂର୍ବତନ ଡିଆଇ ଭୀମସେନ ପ୍ରଧାନ, ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା, ସାହିତ୍ୟିକ ବୈକୁଣ୍ଠ ନାଥ ରାଜଗୁରୁ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଉପସଭାପତି-ସମାଜସେବୀ ବୈକୁଣ୍ଠ ନାଥ ମହାପାତ୍ର, ସହସମ୍ପାଦକ - ଆଇନଜୀବୀ ବସନ୍ତ କୁମାର ଦାଶ, କୋଷାଧ୍ୟକ୍ଷ-କବି ଗୋବିନ୍ଦ ଚନ୍ଦ୍ର ମହାରଣା, ପରିଷଦ ସଦସ୍ୟ ସାମଜସେବୀ କୃଷ୍ଣଚନ୍ଦ୍ର ହରିଚନ୍ଦନ, କବି ସମରଜିତ୍ ପଟ୍ଟନାୟକ, କବି ନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସମ୍ପାଦକ ସମାଜସେବୀ ରାମଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray